
ବର୍ଷ-୨୬, ସଂଖ୍ୟା-୧୨୪
ଭୁବନେଶ୍ୱର
୦୮, ମଇ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 124
Bhubaneswar
08 May, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ମାର୍ଶଙ୍କ ବିସ୍ଫୋରକ ଶତକ

## ପଶ୍ଚିମବଙ୍ଗ ବିଧାନସଭା ଭଙ୍ଗ କଲେ ରାଜ୍ୟପାଳ

କୋଲକାତା,୭।୫(ମହାଭାରତ): ବଡ ପଦକ୍ଷେପ ନେଇଛନ୍ତି ପଶ୍ଚିମବଙ୍ଗ ରାଜ୍ୟପାଳ ଆରଏନ ରବି। ବିଧାନସଭା ନିର୍ବାଚନ ହାରିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପଦରୁ ମମତା ଇସ୍ତଫା ନ ଦେବାରୁ ଆଜି ରାଜ୍ୟପାଳ ରବି ପଶ୍ଚିମବଙ୍ଗ ବିଧାନସଭାକୁ ଭଙ୍ଗ କରିଛନ୍ତି। ଏହାର ଅର୍ଥ ଆଉ ମମତା ବାନାର୍ଜୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ନୁହନ୍ତି।

ରାଜ୍ୟପାଳଙ୍କ ଅଫିସରୁ ଜାରି ବିଜ୍ଞପ୍ତି ଅନୁସାରେ, ସମ୍ବିଧାନର ଧାରା ୧୭୪ ଅନ୍ତର୍ଗତ ଅନୁଚ୍ଛେଦ ୨ ଅନୁସାରେ ବିଧାନସଭାକୁ ଭଙ୍ଗ କରାଯାଇଛି। ମେ' ୭ ତାରିଖରୁ ରାଜ୍ୟପାଳ ପଶ୍ଚିମବଙ୍ଗ ବିଧାନସଭାକୁ ଭଙ୍ଗ କରିଥିବା ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଜି ମଧ୍ୟରାତ୍ର ପରେ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଥିଲା। ମମତା ସନ୍ଧ୍ୟା ସୁଦ୍ଧା ଇସ୍ତଫା ଦେଇ ନଥିବାରୁ ରାଜ୍ୟ ଗୋଟିଏ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ପ୍ରବେଶ କରିବାର ଆଶଙ୍କା ରହିଥିଲା। କିନ୍ତୁ ଏହା ପୂର୍ବରୁ ରାଜ୍ୟପାଳ ବିଧାନସଭାକୁ ଭଙ୍ଗ କରି ଦେଇଛନ୍ତି। ବେଙ୍ଗଲ ବିଧାନସଭା ନିର୍ବାଚନରେ ବିଜେପି ଜିତିଥିଲେ ମଧ୍ୟ ମମତା ବାନାର୍ଜୀ ଏହାକୁ ଗ୍ରହଣ କରି ନଥିଲେ। ବିଜେପି ନିର୍ବାଚନରେ ହେରଫେର କରି ଜନାଦେଶକୁ ଚୋରି କରିଥିବା ମମତା ଅଭିଯୋଗ କରିଥିଲେ। ଏଥିସହ ସେ ଇସ୍ତଫା ଦେବେ ନାହିଁ ବୋଲି କହିଥିଲେ। ଇସ୍ତଫା ବଦଳରେ ରାଜ୍ୟପାଳ ତାଙ୍କୁ ବହିଷ୍କାର କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

# ଗୁଜରାଟରୁ ଫେରିଲେ ମୁଖ୍ୟମନ୍ତ୍ରୀ : ୪୮,୩୩୦ କୋଟିର ପୁଞ୍ଜିନିବେଶ ପ୍ରତିଶ୍ରୁତି

- ୬୭,୮୩୮ ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ୮ଟି ଏମଓୟୁ ଏବଂ ୬୩ଟି ନିବେଶ ଆଗ୍ରହପତ୍ର
- ସମୁଦାୟ ୭୧ ନିବେଶ ପ୍ରସ୍ତାବ
- ବିକଶିତ ଭାରତ ପାଇଁ ପୂର୍ବ ଭାରତର ଉଦୟ ଅତ୍ୟନ୍ତ ଆବଶ୍ୟକ
- ଶିଳ୍ପାୟନ ଓ ନିଯୁକ୍ତି ପାଇଁ ଆଗାମୀ ୧୦ ବର୍ଷ ହେବ 'ସୁବର୍ଣ୍ଣ ଦଶକ': ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୫(ମହାଭାରତ): ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଆଗାମୀ ଦଶ ବର୍ଷ ଓଡିଶା ପାଇଁ ହେବ 'ସୁବର୍ଣ୍ଣ ଦଶକ' । ଓଡିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ ଗୁଜରାଟ ଗସ୍ତ ସାରି ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଫେରିବା ଅବସରରେ ଗଣମାଧ୍ୟମକୁ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଅବସରରେ ସେ ଅହମଦାବାଦ, ମୁନ୍ଦ୍ରା, ଏକତା ନଗର (କେବାଡିଆ-ଷ୍ଟାଚ୍ୟୁ ଅଫ୍ ୟୁନିଟି) ଓ ଭଦୋଦରା ଗସ୍ତ କରି ବିଭିନ୍ନ ଶିଳ୍ପପତି ଓ ଶିଳ୍ପପ୍ରତିନିଧି ମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଗସ୍ତରେ ଓଡିଶା ପାଇଁ ସମୁଦାୟ ୪୮,୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରତିଶ୍ରୁତି ଓ ପ୍ରସ୍ତାବ ମିଳିଛି ଏବଂ ଏହାଦ୍ୱାରା ୬୭,୮୩୮ ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁଜରାଟର ଶିଳ୍ପ ବିକାଶକୁ ଦେଖି ସେ ଅନୁଭବ କରିଛନ୍ତି ଯେ, କିପରି ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ନିର୍ଣ୍ଣାୟକ ପଦକ୍ଷେପ ଯୋଗୁ ଗୁଜରାଟ ଏକ ବିଶ୍ୱସ୍ତରୀୟ ଶିଳ୍ପ କେନ୍ଦ୍ରରେ ପରିଣତ ହୋଇପାରିଛି ।

ସେ କହିଥିଲେ ଯେ, ଭାରତର ପଶ୍ଚିମ ଉପକୂଳ ବିକଶିତ ହୋଇସାରିଛି ଏବଂ ଆହୁରି ଅଗ୍ରଗତି କରୁଛି । ଏବେ ବିକଶିତ ଭାରତ ପାଇଁ ଏବଂ ସନ୍ତୁଳିତ ବିକାଶ ପାଇଁ ପୂର୍ବ ଉପକୂଳର ଅଭିବୃଦ୍ଧି ଅତ୍ୟନ୍ତ ଆବଶ୍ୟକ । ଗୁଜରାଟର ଶିଳ୍ପପତି ମାନଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କର ଏହା ଥିଲା ଟୁ-କୋଷ୍ଟ ଷ୍ଟ୍ରାଟେଜି ବା ଦୁଇ-ଉପକୂଳ ରଣନୀତି ।

ସେ କହିଥିଲେ ଯେ, ପାରାଦୀପ, ଧାମରା ଓ ଗୋପାଳପୁର ପରି ବନ୍ଦର ଯୋଗୁ ଓଡିଶା ପୂର୍ବ-ଏସିଆ, ଦକ୍ଷିଣ ପୂର୍ବ-ଏସିଆ ଏବଂ ସମଗ୍ର ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଦେଶମାନଙ୍କ ପାଇଁ ଏକ ପ୍ରବେଶ ଦ୍ୱାର ବା ଗେଟ୍-ୱେ ଭାବରେ ସୁଯୋଗ ସୃଷ୍ଟି କରୁଛି । ତେଣୁ ଓଡିଶାର ବନ୍ଦରଭିତ୍ତିକ ବିକାଶର ଉଦ୍ୟମ ଅତ୍ୟନ୍ତ ବାସ୍ତବବାଦୀ ବୋଲି ସେ କହିଥିଲେ । ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ରଣନୈତିକ ପ୍ରସ୍ତାବ ଉପରେ ଶିଳ୍ପପତିମାନେ ସମ୍ପୂର୍ଣ୍ଣ ଭାବେ ସହମତ ହୋଇଥିଲେ ଏବଂ ଓଡିଶାରେ ବନ୍ଦରଭିତ୍ତିକ ବିକାଶ ପାଇଁ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେ କହିଥିଲେ ଯେ, ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ଓଡିଶା ପାଇଁ ଅତ୍ୟାଧୁନିକ ଏବଂ ଅଭିବୃଦ୍ଧି ସମ୍ଭାବନା ସମ୍ପନ୍ନ କ୍ଷେତ୍ର ଗୁଡିକରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହି ସବୁ କ୍ଷେତ୍ର ଗୁଡିକ ହେଲା- ଗ୍ରୀନ୍ ଏନର୍ଜି, ସେମି-କଣ୍ଡକ୍ଟର, ରେଆର୍ ଆର୍ଥ, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍‌ସ, ମେଟାଲ୍ ଡାଉନ୍‌ଷ୍ଟ୍ରିମ୍, ଏରୋ-ସ୍ପେସ୍ ଓ ଡିଫେନ୍ସ, ଫୁଡ୍-ପ୍ରୋସେସିଂ, ଆପାରେଲ୍ ଓ ଟେକ୍ସଟାଇଲ୍, ଟୁରିଜିମ୍, ଆଇ.ଟି ଓ ଆଇ.ଟି.ଇ.ଏସ୍, ଲଜିଷ୍ଟିକ୍‌ସ, ଇନ୍‌ଫ୍ରାଷ୍ଟ୍ରକ୍‌ଚର୍, କ୍ୟାପିଟାଲ୍ ଗୁଡ୍‌ସ ଏବଂ ଶକ୍ତି କ୍ଷେତ୍ର।

ଏହି ତିନିଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ୭୦୦ ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନିଜେ ୧୩୨ ଜଣ ବିଶିଷ୍ଟ ଶିଳ୍ପପତି ଏବଂ ଶିଳ୍ପ ପ୍ରତିନିଧି ମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଆଲୋଚନା (ୱାନ୍-ଟୁ-ୱାନ୍) କରିଥିଲେ ।

ଆଜି ମୁଖ୍ୟମନ୍ତ୍ରୀ ଭଦୋଦରା'ରେ (ବରୋଦା) ଅନୁଷ୍ଠିତ ନିବେଶକ ସମ୍ମିଳନୀ ରୋଡ୍-ଶୋ'କୁ ସମ୍ବୋଧିତ କରି କହିଛନ୍ତି "ପଶ୍ଚିମ ଭାରତ ପୂର୍ବରୁ ହିଁ ଭାରତର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଇସାରିଛି। ବର୍ତ୍ତମାନ 'ବିକଶିତ ଭାରତ' ପାଇଁ ପୂର୍ବ ଭାରତର ବିକାଶ ଜରୁରୀ ଏବଂ ଓଡ଼ିଶା ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ" ।'ପୂର୍ବୋଦୟ' ପରିକଳ୍ପନା ଅଧୀନରେ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ଇଞ୍ଜିନ ଭାବେ ଉପସ୍ଥାପିତ କରି ମୁଖ୍ୟମନ୍ତ୍ରୀ ଗୁଜରାଟର ପ୍ରମୁଖ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ସେମାନଙ୍କର ଶିଳ୍ପ ସମ୍ପ୍ରସାରଣ କରିବାକୁ ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛନ୍ତି।

ଗୁଜରାଟ ଗସ୍ତ କାଳରେ ନିବେଶକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମେଟାଲ୍ ଡାଉନଷ୍ଟ୍ରିମ, କେମିକାଲ୍ସ, ଫାର୍ମାସ୍ୟୁଟିକାଲ୍ସ, ବିରଳ ମୃତ୍ତିକା, ସବୁଜ ଶକ୍ତି ଉପକରଣ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ ଓ ବସ୍ତ୍ର ଶିଳ୍ପ, ଆଇଟି ଏବଂ ଆଇଟିସ, ଇଏସ୍‌ଡିଏମ ଓ ସେମିକଣ୍ଡକ୍ଟର, ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ, ପ୍ଲାଷ୍ଟିକ, ପର୍ଯ୍ୟଟନ, ଏରୋସ୍ପେସ୍ ଓ ପ୍ରତିରକ୍ଷା, ଏବଂ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ପ୍ରତିଶ୍ରୁତି ମିଳିଛି।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସମେତ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡ଼ିକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଓଡ଼ିଶାର 'ଏଡଂ-ଝଡଓରଞ୍ଜ' ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା ମାଧ୍ୟମରେ ନିବେଶକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶା କେବଳ ଏକ ନିବେଶ ସ୍ଥଳ ନୁହେଁ, ବରଂ ଏହା ବିଶ୍ୱାସ, ଦ୍ରୁତ କାର୍ଯ୍ୟକାରିତା ଏବଂ ସ୍ଥିରତା ଉପରେ ଆଧାରିତ ଏକ ଦୀର୍ଘକାଳୀନ ଅଭିବୃଦ୍ଧିର ସହଭାଗୀ। ୨୦୩୬ ସୁଦ୍ଧା ଏକ 'ସମୃଦ୍ଧ ଓଡ଼ିଶା' ଗଠନ ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ରେ ସହଯୋଗ କରିବା ପାଇଁ ରାଜ୍ୟ ସରକାର ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍ ସହ କାର୍ଯ୍ୟ କରୁଛନ୍ତି।

# ୧୦ ସଡକ ପ୍ରକଳ୍ପ ନିମନ୍ତେ ୭୬୯ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୭।୫(ମହାଭାରତ): ରାଜ୍ୟର ସାମଗ୍ରିକ ବିକାଶ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି (CRIF) ଯୋଜନା ଅଧୀନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ୧୦ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ୭୬୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ବିଶେଷ କରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।



୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡକ ଓ ଭିତ୍ତିଭୂମି ପାଣ୍ଠି (ଉଜଓର) ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡା ଜିଲ୍ଲାର ଦଳଗାଁ-ତିଲିଆ ଏବଂ ଚାରପାଲି ଡଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ ନିର୍ମାଣ କରାଯିବ। ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଜ ଛକରୁ ଏମ୍‌କେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର କରାଯିବ। ସେହିପରି ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ୍ ଜିଲ୍ଲା ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ଉନ୍ନତିକରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ୍ ଜିଲ୍ଲା ଲମ୍‌ତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତିକରଣ, ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତିକରଣ କରାଯିବ। ୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର୍ ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତିକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯିବ ।ଉପାନ୍ତରୁ ନେଇ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଜଣାଇଛନ୍ତି।

# ରାଜଧାନୀ ଉପକଣ୍ଠରେ ଜଘନ୍ୟ ହତ୍ୟାକାଣ୍ଡ, ୪ ଗିରଫ

ଭୁବନେଶ୍ୱର, ୭।୫(ମହାଭାରତ) : ରାଜଧାନୀ ଉପକଣ୍ଠରେ ବର୍ବରକାଣ୍ଡ । ଜଣେ ଯୁବକଙ୍କୁ ପିଟିପିଟି ମାରି ଦେଲେ ଲୋକେ । ଲୋକଙ୍କ ମାଡ଼ରେ ଓଲଟପୁର ଥାନା ମଉଜପୁର ଗାଁର ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଅଟକ ରଖିଛି। ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏହି ଘଟଣା ପରେ ବାଲିଅନ୍ତା ଥାନା ପରିସରରେ ଉତ୍ତେଜନା ଦେଖା ଦେଇଛି। ଏପରିକି ଥାନାରେ ପୁଲିସ – ଲୋକେ ମୁହାଁମୁହିଁ ହୋଇଛି।



ମିଳିଥିବା ଖବର ଅନୁସାରେ ସୌମ୍ୟ ତାଙ୍କ ଭଣଜାଙ୍କ ସହ ବାଇକରେ ଯାଉଥିଲେ । ଆଗରେ ଦୁଇ ଯୁବତୀ ସ୍କୁଟିରେ ଯାଉଥିଲେ । ସୌମ୍ୟଙ୍କ ବାଇକ ତାଙ୍କୁ ଧକ୍କା ଦେବା ପରେ ଯୁବତୀଦ୍ୱୟ ତଳେ ପଡ଼ି ଯାଇଥିଲେ । ପରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ତେବେ ଯୁବତୀଙ୍କୁ ସୌମ୍ୟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଯେଉଁ କାରଣରୁ ସେଠାରେ ଥିବା ସ୍ଥାନୀୟ ଲୋକେ ସେ ?ମ୍ୟଙ୍କୁ ଆକ୍ରମଣ କରିଥିଲେ । ସୌମ୍ୟଙ୍କୁ ସ୍ଥାନୀୟ ଲୋକେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ପୁଲିସ ପହଞ୍ଚିବା ପରେ ମଧ ଲୋକେ ମାଡ଼ ମାରିଥିଲେ । ଆଉ ତାଙ୍କର ମୃତ୍ୟୁ ହୋଇଛି । ମୃତ ସୌମ୍ୟ କିଆରପିରେ କାର୍ଯ୍ୟରତ ଥିବା ଜଣାପଡ଼ିଛି । ସେପଟେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଛି ।

ଏବେ ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଠାରେ ଘଟଣାସ୍ଥଳରେ ଜଣେ ପୁଲିସ କର୍ମଚାରୀ ନଜର ଆସିଛନ୍ତି । ତଥାପି ଲୋକେ ତାଙ୍କ ସାମ୍ନାରେ ମାଡ଼ ମାରିଥିଲେ । ପୁଲିସ ମଧ ଯୁବକଙ୍କ ଆର୍ତ୍ତଚିତ୍କାର ଶୁଣିନଥିବା ଅଭିଯୋଗ ହୋଇଛି । ଏବେ ପ୍ରଶ୍ନ ଉଠିଛି କି, ପୁଲିସର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି । ସେମାନେ କାହିଁକି ତୁରନ୍ତ ଯୁବକଙ୍କୁ ଉଦ୍ଧାର କଲେନାହିଁ କାହିଁକି ବୋଲି ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି । ତେବେ ଆକ୍ରମଣ କରି ମାରିଥିବା ଲୋକଙ୍କ ବିରୋଧରେ କଣ ଆକ୍ସନ ହେବ ଏହା ଉପରେ ସମସ୍ତଙ୍କ ନଜର ରହିଛି ।

# ଜନ ଔଷଧି ବିକ୍ରି ବଢୁଛି

ଭୁବନେଶ୍ୱର,୭।୫(ମହାଭାରତ): ରାଜ୍ୟରେ ଜନଔଷଧିର ବିକ୍ରି ବଢିବାରେ ଲାଗିଛି । ଶସ୍ତାରେ ମିଳୁଥିବା ଏହି ଔଷଧ ଉପରେ ରୋଗୀମାନେ ଅଧିକରୁ ଅଧିକ ପରିମାଣରେ ନିର୍ଭର କରୁଛନ୍ତି । ତେବେ ସରକାରୀ ଡାକ୍ତରଖାନା ପରିସରରେ ଜନଔଷଧି ବିକ୍ରୟକେନ୍ଦ୍ରକୁ ଅନୁମତି ପ୍ରଦାନ କରାଗଲେ ଏହାର ବ୍ୟବହାର ବୃଦ୍ଧି ପାଇବ ବୋଲି କୁହାଯାଉଛି ।

ମିଳିଥିବା ସୂଚନା ଅନୁଯାୟୀ ୨୦୨୧-୨୨ ବର୍ଷରେ ରାଜ୍ୟରେ ମାତ୍ର ୩୧ କୋଟି ଟଙ୍କାର ଜନଔଷଧି ବିକ୍ରି ହୋଇଥିବାବେଳେ ୨୦୨୪-୨୫ ବର୍ଷରେ ଏହା ୫୭ କୋଟି ଟଙ୍କାକୁ ଟପିଯାଇଥିଲା । ଗତ ଆର୍ଥିକ ବର୍ଷରେ ଏହି ପରିମାଣ ୫୮ କୋଟି ୮୦ଲକ୍ଷ ଟଙ୍କାକୁ ଅତିକ୍ରମ କରିଛି । ଜନଔଷଧି ବିତରଣ କେନ୍ଦ୍ରଗୁଡିକରେ ପାଖାପାଖି ଅଢେଇ ହଜାର ପ୍ରକାରର ଔଷଧ ଉପଲବ୍ଧ ହେଉଛି।



ସରକାରୀ ଡାକ୍ତରଖାନାଗୁଡିକରେ ରୋଗୀମାନଙ୍କ ପାଇଁ ମାଗଣାରେ ନିରାମୟ ଔଷଧ ଉପଲବ୍ଧ ହେଉଥିବାବେଳେ ଡାକ୍ତରମାନେ ଲେଖୁଥିବା ସମସ୍ତ ଔଷଧ କିନ୍ତୁ ବହୁ ସମୟରେ ମିଳିପାରୁ ନାହିଁ । ତେଣୁ ଏହିସବୁ ଔଷଧ ରୋଗୀମାନେ ଜନଔଷଧି କେନ୍ଦ୍ରରୁ ଖରିଦ କରିଥାନ୍ତି । ଏଠାରେ ଶସ୍ତାରେ ଔଷଧ ମିଳୁଥିବାରୁ ରୋଗୀମାନେ ଡାକ୍ତରଖାନା ଆଖପାଖରେ ଥିବା ଜନଔଷଧି କେନ୍ଦ୍ରକୁ ଯାଇଥାନ୍ତି । ତେବେ ସରକାରୀ ଡାକ୍ତରଖାନା ପରିସରରେ ଏକାଧିକ ଜନଔଷଧି କେନ୍ଦ୍ର ଖୋଲିବାପାଇଁ ଅନୁମତି ପ୍ରଦାନ କରାଗଲେ ଏହା ରୋଗୀମାନଙ୍କ ପାଇଁ ସହଜ ହୋଇପାରନ୍ତା ।

ତେବେ ବିଡମ୍ବନାର କଥା ହେଉଛି ଯେ ଖୋଦ୍ ରାଜଧାନୀର କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରକୁ କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି । ଫଳରେ ଯେଉଁସବୁ ଔଷଧ ନିରାମୟ କେନ୍ଦ୍ରରେ ମିଳୁନାହିଁ ରୋଗୀମାନେ ବାଧହୋଇ ଆଖପାଖରେ ଥିବା ଔଷଧ ଦୋକାନରୁ ତାହାକୁ ଚଢା ଦରରେ ଖରିଦ କରୁଛନ୍ତି । ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିୟନ୍ତ୍ରଣରେ ଥିବା ଏହି ଜନଔଷଧି କେନ୍ଦ୍ର ଆଉ ଖୋଲିବ କି ନାହିଁ ତାହା କେହି କହିପାରୁ ନାହାନ୍ତି ।

କେନ୍ଦ୍ର ସରକାର ବର୍ତ୍ତମାନ ସମବାୟ ମନ୍ତ୍ରଣାଳୟ ଅଧିନରେ ଅଧିକରୁ ଅଧିକ ସଂଖ୍ୟକ ଜନଔଷଧି କେନ୍ଦ୍ର ଖୋଲିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏପରିକି ପାକସ୍‌ଗୁଡିକ ଜରିଆରେ ଏହା ଖୋଲିବାକୁ ସ୍ଥିର ହେଉଛି । ଲୋକେ କିଭଳି ଶସ୍ତାରେ ଔଷଧ ପାଇପାରିବେ କେନ୍ଦ୍ର ସରକାର ତାହା ଉପରେ ଗୁରୁତ୍ୱ ଦେଉଥିବାବେଳେ କ୍ୟାପିଟାଲ ହସ୍ପିଟାଲ ପରିସରରୁ ଜନଔଷଧି କେନ୍ଦ୍ର ବନ୍ଦ ହେବା ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଉଲ୍ଲେଖନୀୟ ଯେ ରାଜ୍ୟରେ ଏବେ ମୋଟ୍ ୮୦୩ଟି ଜନ ଔଷଧି କେନ୍ଦ୍ର ଥିବାବେଳେ ଏଥିରୁ ସର୍ବାଧିକ ୧୪୩ଟି କଟକରେ ରହିଛନ୍ତି । ଖୋରଧା ଜିଲ୍ଲାରେ ୧୦୯ଟି ଜନଔଷଧି କେନ୍ଦ୍ର ଥିବାବେଳେ ବାଲେଶ୍ୱରରେ ୭୫ଟି, ଗଞ୍ଜାମରେ ୬୯ଟି, ଯାଜପୁରରେ ୫୦ଟି ଓ ଜଗତ୍‌ସିଂହପୁରରେ ୪୪ଟି ରହିଛି । ନୂଆପଡା ଜିଲ୍ଲାରେ ମାତ୍ର ଗୋଟିଏ ଜନଔଷଧି ବିକ୍ରୟ କେନ୍ଦ୍ର ରହିଥିବାବେଳେ ମାଲକାନଗିରି, ଗଜପତି ଓ ଦେବଗଡ ଜିଲ୍ଲାରେ ୨ଟି କରି କେନ୍ଦ୍ର ରହିଛି । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଜନଔଷଧି କେନ୍ଦ୍ର ଅଧିକ ସଂଖ୍ୟାରେ ନଥିବାରୁ ସେଠାରେ ରୋଗୀମାନେ ବାଧହୋଇ ଚଢା ଦରରେ ଔଷଧ ଖରିଦ କରୁଛନ୍ତି ।

ରାଜ୍ୟରେ ଜନଔଷଧିର ବିକ୍ରି ବଢି ଚାଲିଥିବାବେଳେ ସମସ୍ତ ଡାକ୍ତର ଔଷଧର ନାମ ବଦଳରେ ଏହାର କମ୍ପୋଜିସନ ଲେଖିଲେ ଏହାର ବ୍ୟବସାୟ ବୃଦ୍ଧି ସହିତ ରୋଗୀମାନେ ଔଷଧ କମ୍ପାନୀଙ୍କ ଶୋଷଣରୁ ମୁକ୍ତି ପାଇପାରନ୍ତେ ବୋଲି ଚିକିତ୍ସକମାନେ ମତ ଦେଉଛନ୍ତି ।

## ବାଇକ୍ ଉପରେ ଚଢ଼ିଗଲା ଟ୍ରକ୍, ଦୁଇ ମୃତ

ଯୋଡା୭।୫(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ାସ୍ଥିତ ୫୨୦ ନଂ ଜାତୀୟ ରାଜପଥର କଳାପାହାଡ ନିକଟରେ ଗୁରୁବାର ସଂଧରେ ଏକ ଟ୍ରକ ଧକ୍କାରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଖବର ନେବାରୁ ଜଣା ପଡିଛି, ଟିଭି ଏସ୍ ? ଆପାଚି (ଓ ଡି ୦୯ ଜେଡ୍ ୩୭୪୬) ଯୋଗେ ବିଲେଇପଦା ଆଡୁ ଯୋଡ଼ା ଅଭିମୁଖେ ଆସୁଥିବା ବେଳେ କଳାପାହାଡ଼ ଠାରେ ଏକ ଟ୍ରକ୍ ? ବାଇକ ଆରୋହୀ ଉପରେ ଚଢିଯାଇଥିଲା। ଫଳରେ ବାଇକ ଚାଳକ ସହ ଜଣେ ଆରୋହୀଙ୍କ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଯୋଡା ଟାଟା ଷ୍ଟିଲ ଡାକ୍ତର ଖାନ। କୁ ନିଆ ଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରି ନାହିଁ। ଘଟଣାସ୍ଥଳରେ ଯୋଡା ପୁଲିସ ପହଂଚି ଘଟଣା ର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟେଇ ଖସି ଯିବା ପାଇଁ ଉଦ୍ୟମ କରୁଥିବା ଟ୍ରକକୁ ଦୁର୍ଘଟଣାର ଅନତି ଦୂର ଲହଣ୍ଡା ଠାରୁ ଜବତ କରାଯାଇଛି।

# ଶ୍ରୀଜଗନ୍ନାଥ ଜମିର ହେବ ବନ୍ଦୋବସ୍ତ

## ଥଇଥାନ ହେବେ ଯୋଗ୍ୟ ହିତାଧିକାରୀ

ଭୁବନେଶ୍ୱର,୭।୫(ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଗୁଡିକୁ ଚିହ୍ନଟ କରାଯାଇ, ଏହାର ପୁନଃ ବନ୍ଦୋବସ୍ତ ହେବ। ବର୍ଷବର୍ଷ ଧରି ଜମି ଅଧିକାର କରିରଖିଥିବା ସେବକ, ନିଯୋଗ ଓ ଅଣସେବକଙ୍କୁ ଚିହ୍ନଟ କରାଯିବ। ଯେଉଁମାନେ ଯୋଗ୍ୟ ସେମାନଙ୍କୁ ଥଇଥାନ କରାଯିବ। ଜମିରୁ ଜବରଦଖଲ ମଧ୍ୟ ହଟାଯିବ।

ଗୁରୁବାର, ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଥିବା ୟୁନିଫର୍ମ ସେଟେଲମେଣ୍ଟ ପଲିସି ୨୦୦୩ରେ ଆବଶ୍ୟକ ସଂଶୋଧନ ଜରିଆରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମରେ ଥିବା ଜମିକୁ ଉପଯୁକ୍ତ ବନ୍‌ଦୋବସ୍ତ ଜରିଆରେ ସମସ୍ତଙ୍କୁ ଥଇଥାନ କରିବା ନେଇ ଆଲୋଚନା ହୋଇଥିଲା।

ଶ୍ରୀଜଗନ୍ନାଥଙ୍କ ନମରେ ଥିବା ଜମିରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବକ, ନିଯୋଗ, ଅଣସେବକ ଏବଂ ମଠଗୁଡିକୁ କିପରି ଉପଯୁକ୍ତ ବନ୍‌ଦୋବସ୍ତ କରାଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା । ଏଥି ସହିତ ଜଗନ୍ନାଥଙ୍କ ଜମିକୁ ଅସଦ ଉପାୟରେ ଜବରଦଖଲ ନେଇ ତଦନ୍ତ ହେବା ସହ ଆବଶ୍ୟକ ସ୍ଥଳେ ଏହାକୁ ନିଲାମ ପ୍ରକ୍ରିୟାରେ ସାମିଲ କରିବା ନେଇ ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟା ଫଳରେ ଦୀର୍ଘଦିନ ଧରି ବସବାସ କରୁଥିବା ସେବକ-ନିଯୋଗମାନେ ବସବାସ କରୁଥିବା ଜମିରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ। ଏଥି ସହିତ ଜବରଦଖଲରେ ଥିବା ଜମିରୁ ସର୍ବାଧିକ ମୂଲ୍ୟ ଜରିଆରେ ଆଦାୟ ଅର୍ଥ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପାଣ୍ଠିକୁ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

ଏହି ବୈଠକରେ ଆଇନ କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ ସୂର୍ଯ୍ୟ ମିଶ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ କୁମାର ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ ପବିତ୍ର ମୋହନ ସାମଲ, ଦେବୋତ୍ତର ଆୟୁକ୍ତ ସତ୍ୟ ନାରାୟଣ ଷଡ଼ଙ୍ଗୀ ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବାଉଁଶ ବୁଦା ମୂଳେ ଶାଶୁ-ବୋହୂଙ୍କ ମୃତ୍ୟୁ

ଭଞ୍ଜନଗର,୭।୫(ମହାଭାରତ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ମୁଦୁଲିପଲ୍ଲୀ ଗାଁରେ ଆଜି କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବାଉଁଶ ଗଛ ଉପୁଡ଼ି ଏହା ଶାଶୁ-ବୋହୂଙ୍କ ଉପରେ ଚାପି ହୋଇଯାଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ମୃତକମାନେ ଶାଶୁ ଶୈଳ ବିଷୋୟୀ ଓ ବୋହୂ ସନ୍ତୋଷିନୀ ବିଷୋୟୀ। ସୂଚନା ମୁତାବକ ଶାଶୁ-ବୋହୂ ମିଶି ଘର ନିକଟ ଚାଷ ଜମିକୁ କାମ କରିବାକୁ ଯାଇଥିଲେ।ଅପରାହ୍ନ ସମୟରେ କାଳବୈଶାଖୀର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ଫଳରେ ଉଭୟ ଶାଶୁ-ବୋହୂ ବାଉଁଶ ବୁଦା ମୂଳେ ଆଶ୍ରୟ ନେଇଥିଲେ। ପବନର ବେଗ ଅତି ଜୋରରେ ହେବାରୁ ବାଉଁଶ ଗଛ ମୂଳରୁ ଉପୁଡ଼ି ଶାଶୁ-ବୋହୂଙ୍କ ଉପରେ ଚାପିହୋଇ ଯାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୁଲିସ ଘଟଣାର ତଦନ୍ତ କରୁଛି।

## ଚିକେନ ଗୁପଚୁପ

ଆବଶ୍ୟକ ସାମଗ୍ରୀ : ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆ ।ଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ। ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ। ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ ଯ ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁଯ ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟରେ ଥିବା ଚିକେନ୍ ପକାଇ କଷନ୍ତୁ। ଗ୍ୟସକୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା। ଏହାପରେ ପୁଦିନା ପତ୍ର,ରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି। ଏହା ପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ। ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁଯ ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ।



ଖବର

## ଥାଲାପତି ବିଜୟଙ୍କ ଦଳରୁ ପ୍ରତିଦ୍ୱନ୍ଦିତା କରିବେ ତ୍ରିଶା କୃଷ୍ଣନ୍,




ପ୍ରଥମ ଥର ପାଇଁ ରାଜନୀତିରେ ଇତିହାସ ରଚିଛନ୍ତି ଅଭିନେତା ଥାଲାପତି ବିଜୟ। ଏହାରି ମଧ୍ୟରେ ତାଙ୍କ ବନ୍ଧୁ ତ୍ରିଶା କୃଷ୍ଣନଙ୍କ ସମ୍ପର୍କରେ ବଡ଼ ଖବର ସାମ୍ନାକୁ ଆସୁଛି । ତ୍ରିଶା ବିଜୟଙ୍କ ଟିଭିକେ ଦଳରେ ସାମିଲ ହୋଇପାରେ ବୋଲି ଏବେ ଚର୍ଚ୍ଚା ସୃଷ୍ଟି କରୁଛି ।ତ୍ରିଶା ଟିଭିକେ ଦଳରେ ସାମିଲ ହୁଅନ୍ତୁ ବୋଲି ନେତାମାନେ ଋହୁଁଥିବା ଏକ ରିପୋର୍ଟରୁ ଜଣାପଡିଛି । ଏଥିସହ ତ୍ରିଶା ତାମିଲନାଡୁର ତିରୁଚିରାପାଲି ପୂର୍ବ ର୍ନିବାଚନ ମଣ୍ଡଳୀରୁ ଉପର୍ନିବାଚନ ଲଢ଼ନ୍ତୁ ଏବଂ ବିଜୟଙ୍କ ପରି ରାଜନୀତିରେ ସାମିଲ ହୁଅନ୍ତୁ ବୋଲି ମଧ୍ୟ ଦଳ ଋହୁଁଛି । ଥାଲାପତି ବିଜୟ ତାମିଲନାଡୁ ବିଧାନସଭା ର୍ନିବାଚନରେ ଚେତ୍ତାଇର ପେରାମ୍ବୁର ଏବଂ ତିରୁଚିରାପାଲି ପୂର୍ବ ଦୁଇଟି ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି । ନିୟମ ଅନୁଯାୟୀ, ବିଜୟ ଆଉ ଉଭୟ ଆସନ ରହିପାରିବେ ନାହିଁ । ତେଣୁ ୧୪ ଦିନ ମଧ୍ୟରେ ଏହି ଆସନ ପାଇଁ ତାଙ୍କୁ ଇସ୍ତଫା ଦେବାକୁ ପଡିବ। ସେ ଆସନ ପାଇଁ ଇସ୍ତଫା ଦେବା ପରେ ଉପର୍ନିବାଚନ ଘୋଷଣା କରାଯିବ । ବିଜୟ ଏବଂ ତାଙ୍କ ଦଳର ଅନ୍ୟ ସଦସ୍ୟମାନେ ସେମାନଙ୍କର ପେରାମ୍ବୁର ଆସନ ବଜାୟ ରଖିବାକୁ ଋହୁଁଛନ୍ତି ଏବଂ ତିରୁଚିରାପାଲି ପୂର୍ବ ଆସନରୁ ବିଜୟ ଇସ୍ତଫା ଦେଇପାରନ୍ତି ବୋଲି କଳ୍ପନାଜଳ୍ପନା ଜୋର ଧରିଛି ।ଅନ୍ୟପଟେ ଏହି ଆସନ ପାଇଁ ତ୍ରିଶାଙ୍କୁ ରାଜି କରାଇବାକୁ ଚେଷ୍ଟା କରୁଛନ୍ତି ବିଜୟ ଏବଂ ଟିଭିକେ ଦଳ । କିନ୍ତୁ ରାଜନୀତିରେ ତ୍ରିଶାଙ୍କର ଇଚ୍ଛା ନଥିବାରୁ ସେ ର୍ନିବାଚନରେ ସାମିଲ ହେବାକୁ ଋହୁଁନାହାଁନ୍ତି ।

## ଓଜନ ହ୍ରାସ କରେ କେଶର

ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍ । ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର । ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ । କେଶର କେବଳ ଖାଦ୍ୟର ସ୍ୱାଦକୁ ବଢାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ। ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ ।



କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ । ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

ଜ୍ୱର,ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ ।

ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ । ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ ।

କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

## ରୋଷେଇ ଘରୁ ଦୁର୍ଗନ୍ଧ ଆସୁଛି କି ?

ରୋଷେଇ ଘରକୁ ସବୁବେଳେ ସଫାସୁତୁରା ରଖିବା ଉଚିତ୍ । କାରଣ ରୋଷଇ ଘରେ ଜୀବାଣୁ ବ୍ୟାପିଲେ ଏହା ଆମ ଖାଦ୍ୟରେ ମିଶି ଆମ ପେଟ ଭିତରକୁ ଯାଇଥାଏ । ବେଳେ ବେଳେ ଦେଖାଯାଏ ଯେ ରୋଷେଇ ଘର ଯେତେ ସଫା ରଖିଲେ ବି ସେଠାରୁ ଦୁର୍ଗନ୍ଧ ବାହାରିଥାଏ । ରୋଷେଇ ଘରେ ପଶିବା ମାତ୍ରେ ଏ ଗନ୍ଧ ସିଧା ନାକରେ ଆସି ପଶିଯାଏ । ଏହାର କାରଣ ହେଉଛି ଆପଣଙ୍କ କିଚେନର ବେସିନର ଦୁର୍ଗନ୍ଧ,ଯାହାକୁ ନେଇ ଅଧିକାଂଶ ମହିଳା ବହୁ ଚିନ୍ତିତ ରୁହନ୍ତି । ଯଦି ଆପଣବି ବେସିନରୁ ଆସୁଥିବା ଏହି ଗନ୍ଧକୁ ନେଇ ଚିନ୍ତିତ,ତେବେ ଆଜି ଆମେ ଆପଣଙ୍କୁ ଏହାର ସମାଧାନ ପାଇଁ କିଛି ଘରୋଇ ଟିପ୍ସ ଦେବୁ ।

ଲୁଣ: ରୋଷେଇଘର ବେସିନରେ ଧୋଇବା ଫଳରେ ବାସନରେ ଲାଗି ରହିଥିବା। ଖାଦ୍ୟ ପଡି ବେସିନ୍ ଜାମ୍ ହୋଇଯାଏ । ତେଣୁ ଏଥିରୁ ଦୁର୍ଗନ୍ଧ ବାହାରେ । ଆପଣ ବାସନ ସଫା କରିସାରିଲା ପରେ ବେସିନରେ ଲୁଣ ପକାଇ ବ୍ରଶ୍ ମାଧ୍ୟମରେ ଭଲରେ ସଫା କରନ୍ତୁ । ଏହା କଲେ ଦୁର୍ଗନ୍ଧ ଦୂର ହେବା ସହ ଜୀବାଣୁ ବ୍ୟାପିବା ଆଶଙ୍କା କମ୍ ହୋଇଥାଏ ।

ଲେମ୍ବୁ: ବେସିନର ଗନ୍ଧକୁ ଦୂର କରିବାକୁ ହେଲେ ଆପଣଙ୍କୁ ଲେମ୍ବୁ ଓ ଲୁଣରେ ଏକ ପେଷ୍ଟ ପ୍ରସ୍ତୁତ କରିବାକୁ ପଡିବ । ଏହି ପେଷ୍ଟରେ ବେସିନକୁ ବ୍ରସ୍ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ । ଏପରି କରିବା ଦ୍ୱାରା ବେସିନ ସଫା ହୋଇ ଚମକିବା ସହ ଗନ୍ଧ ମଧ୍ୟ ଦୂର ହୋଇଯିବ ।

କଳା ଭିନେଗାର: ଯେପରି ବାସନ ଧୋଇବା ଜରୁରୀ ହୋଇଥାଏ, ସେହିପରି ବେସିନ୍ ସଫା କରିବା ମଧ୍ୟ ଜରୁରୀ ହୋଇଥାଏ । ବେସିନ ସଫା କଲା ସମୟରେ ଆପଣ କଳା ଭିନେଗାରର ବ୍ୟବହାର କରିପାରିବେ । ବାସନ ଧୋଇଲା ପରେ ଭିନେଗାର ଦ୍ୱାରା ବେସିନ ଚାରିପାଖ ବ୍ରସ ଦ୍ୱାରା ସଫା କଲେ ବେସିନର ଦୁର୍ଗନ୍ଧ ଦୂର ହେବା ସହ ପରିଷ୍କାର ହୋଇ ଚିକ୍ ଚିକ୍ ଦେଖାଯାଏ ।




ବେକିଂ ସୋଡା: ନିଜ ବେସିନକୁ ଚମକାଇବା ପାଇଁ ଆପଣ ବେକିଂ ସୋଡାର ବ୍ୟବହାର କରିପାରିବେ। ଏଥିପାଇଁ ଆପଣ ବେସିନରେ ବେକିଂ ସୋଡା ପକାଇ ୫ମିନିଟ୍ ଛାଡି ଦେବେ । ଏହାପରେ ସ୍କ୍ରବ ଦ୍ୱାରା ରଗଡିକି ସଫା କରିବା ଉଚିତ୍ । ଏହାଫଳରେ ବେସିନ୍ ପୂରାପୂରି ସଫା ହେବା ସହ ଏଥିରୁ ଆସୁଥିବା ଦୁର୍ଗନ୍ଧ ମଧ୍ୟ ଦୂର ହୋଇଥାଏ ।

## ଦିଲ୍ଲୀର ୬ଟି ଦର୍ଶନୀୟ ସ୍ଥାନ

ବ୍ୟସ୍ତବହୁଳ ଜୀବନ ଭିତରେ ମଣିଷ ନିଜର ଅବସର ସମୟର ସଦୁପଯୋଗ କରିବାକୁ ବିଭିନ୍ନ ପ୍ରକାରର ଯୋଜନା କରିଥାଏ। କିଛି ଲୋକ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବା ସହ ସେଠାକାର ସଂସ୍କୃତି ପରମ୍ପରା ଜାଣିବାକୁ ଚେଷ୍ଟା କରିଥାନ୍ତି। ଆଉ କିଛି ଲୋକ ନୂଆ ନୂଆ ଖାଦ୍ୟ ଖାଇବା ସହ ଅନ୍ୟ ସମ୍ପ୍ରଦାୟର ଚଳଣୀ ବିଷୟରେ ଜାଣିବାକୁ ଆଗ୍ରହୀ ରହିଥାନ୍ତି। ତେବେ ଆପଣ ଯଦି ଭାରତର ରାଜଧାନୀ ଦିଲ୍ଲୀ ବୁଲିବାକୁ ଚାହୁଁଛନ୍ତି ତେବେ ଆଜି ଆମେ ଦିଲ୍ଲୀରେ ଥିବା କେତେକ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ତଥ୍ୟ ନିମ୍ନରେ ଦେଉଛୁ। ଦିଲ୍ଲୀ ଏକ ଏପରି ପର୍ଯ୍ୟଟନ ସ୍ଥଳୀ ଯେଉଁଠି କି ଥରେ ଗଲେ ଆସିବାକୁ ଇଚ୍ଛା ହୁଏ ନାହିଁ। ଏହାର କାରଣ ହେଉଛି ଦିଲ୍ଲୀରେ ରାଜାମାନଙ୍କ ଅମଳରୁ ରହିଥିବା ବିଭିନ୍ନ କଳା ସ୍ଥାପତ୍ୟର ଯାଦୁ।

ଦିଲ୍ଲୀରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଇଣ୍ଡିଆ ଗେଟ୍, ଚାନ୍ଦିନ ଚୌକ, ଲାଲକିଲ୍ଲା, ଅକ୍ଷର ଧାମ, ଲୋଦି ଗାର୍ଡ଼େନ, ହୁମାୟନଙ୍କ ମକ୍‌ବରା ଅନ୍ୟତମ।



ଇଣ୍ଡିଆ ଗେଟ: ଏହା ସହିଦମାନଙ୍କର ସମାଧି ପୀଠ ଭାବେ ପରିଚିତ। ଇଣ୍ଡିଆ ଗେଟର ପଥରରେ ଯବାନମାନଙ୍କ ନାମ ଉଲ୍ଲେଖ ରହିଛି। ସବୁଠାରୁ ବଡ଼ ଆକର୍ଷଣ ହେଉଛି ଇଣ୍ଡିଆ ଗେଟ ମଝିରେ ଅମର ଜ୍ୟୋତି ଅହରହ ଜଳୁଥାଏ। ଏହାର ଆଖପାଖରେ ଅନେକ ପାର୍କ ରହିଛି। ସନ୍ଧ୍ୟା ସମୟରେ ଏହାର ଦୃଶ୍ୟ ବେଶ ମନଲୋଭା।

ଚାନ୍ଦିନିଚୌକ: ଏହି ନାମ ଆପଣ ଆଗରୁ ଅନେକ ଥର ସିନେମାରେ ଶୁଣିଥିବେ। ଏହା ଭାରତର ସବୁଠାରୁ ପୁରୁଣା ବ୍ୟବସାୟିକ ବଜାର ରୂପେ ବେଶ ପ୍ରଖ୍ୟାତ । ବିଶେଷ କରି ମହିଳା ମାନଙ୍କ ପ୍ରସାଧନ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳେ। ଏହାର ପରିକଳ୍ପନା ସାହାଜାହାନଙ୍କ କନ୍ୟା ଜାହାନଆରା କରିଥିଲେ।

ଲାଲକିଲ୍ଲା: ସାହାଜାହାନଙ୍କ ଦ୍ୱାରା ତିଆରି ହୋଇଥିବା ଲାଲକିଲ୍ଲା ସହର ମଧ୍ୟ ଭାଗରେ ଅବସ୍ଥିତ। ଏଠାରେ ଭାରତର ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୧୫ ଅଗଷ୍ଟରେ ଭାରତବାସୀଙ୍କୁ ସମ୍ବୋଧିତ କରିଥାନ୍ତି। ଏହାର ପ୍ରତ୍ୟେକ କୋଠାକୁ ମେହଲ କୁହାଯାଏ। ପୂର୍ବରୁ ଲାଗିଥିବା ହୀରା ,ମୋତି, ମାଣିକ୍ୟ ସହ ମୂଲ୍ୟବାନ ପଥର ଇଂରେଜମାନେ ଲୁଟି ନେଇଛନ୍ତି।

ଅକ୍ଷର ଧାମ : ଏହାର ଅର୍ଥ ଭଗବାନଙ୍କ ଘର । ଏଠାରେ ଏକ ଫାଉଣ୍ଡେସନ ସୋ ହୋଇଥାଏ। ଯେଉଁଥିରେ ମନୁଷ୍ୟ ଜନ୍ମ ହେବା ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପାଣି ଏବଂ ଲାଇଟରେ ପ୍ରଦର୍ଶିତ ହୋଇଥାଏ।

ଲୋଦି ଗାର୍ଡ଼େନ: ୯୦ ଏକର ଜମିରେ ନିର୍ମିତ ହୋଇଛି ଗାର୍ଡ଼େନ, ଯେଉଁଠି ଲୋଦି ବଂଶର ବିଭିନ୍ନ ସ୍ମାରକ ଦେଖିବାକୁ ମିଳେ।

ହୁମାୟୁନଙ୍କ ମକବରା: ଏଠାରେ ମୋଗଲ ହୁମାୟନଙ୍କ ସହ ଅନ୍ୟ ଶାସକଙ୍କ ସମାଧି ରହିଛି। ମକବରା ଗୋଟିଏ ସ୍ଥାନ ଯେଉଁଠି ନାଲି ପଥରରେ ବିଶାଳକାୟ କାରୁକାର୍ଯ୍ୟ ତିଆରି ହୋଇଥାଏ। ଦିଲ୍ଲୀରେ ବିଭିନ୍ନ ପ୍ରକାର ଖାଦ୍ୟ ମିଳିଥାଏ । ଆପଣ ନିଜ ଅନୁଶାରେ ରୁଚିକର ଖାଦ୍ୟ ଗ୍ରହଣ କରିପାରିବେ।

## ଟ୍ରେଣ୍ଡି ରଫଲ ଲେହେଙ୍ଗା

ସାଧାରଣତଃ ପୋଷାକର କିଛି କିଛି ସ୍ଥାନରେ କପଡ଼ା କୁଞ୍ଚ କୁଞ୍ଚ ହୋଇ ଝୁଲିକି ରହିବାର ଷ୍ଟାଇଲକୁ ରଫଲ କୁହାଯାଇଥାଏ। ଆଉଟଫିଟ୍ ଯେତେ ସିମ୍ପଲ ହେଉନା କାହିଁକି ରଫଲ ଦ୍ୱାରା ସେଥିରେ ଗ୍ଲାମର ଟଚ୍ ଆସିଥାଏ।



ସେଥିପାଇଁ ତ ଏବେ ରଫଲ ଆଉଟଫିଟର ଟ୍ରେଣ୍ଡ ଖୁବ ଚାଲିଛି। ଟପ୍ସଠାରୁ ଆରମ୍ଭ କରି ଶାଢି , ଡ୍ରେସ , ସ୍କର୍ଟ ଏପରି ଏକ ଲେହେଙ୍ଗାରେ ବି ରଫଲ ଷ୍ଟାଇଲକୁ ଅନୁକରଣ କରାଯାଉଥିବା ଦେଖିବାକୁ ମିଳୁଛି। ଏଠାରେ ସେମିତି କିଛି ଟ୍ରେଣ୍ଡି ରଫଲ ଲେହେଙ୍ଗା ସମ୍ପର୍କରେ।

ରଫଲ ଆର୍ଟ ସିଲ୍କ ରେଡ଼ ଲେହେଙ୍ଗା: ଏହାକୁ ଫ୍ୟାଶନ ଏକ୍ସପର୍ଟମାନେ ନ୍ୟୁ ଏଜ ଲେହେଙ୍ଗା ବୋଲି ମଧ୍ୟ କହିଥାନ୍ତି। ଏହି ଲେହେଙ୍ଗାର ଆକର୍ଷଣୀୟ ରଙ୍ଗ ସାଙ୍ଗକୁ ମଲ୍ଟି ଲେୟାର ଡ଼ିଜାଇନ ପାର୍ଟି ଲୁକ ପାଇଁ ପୂରା ପରଫେକ୍ଟ ଲାଗେ। ତେବେ ଏହି ଲେହେଙ୍ଗାର ରଙ୍ଗ ରେଡ଼ ବା ନାଲି ହୋଇଥିବାରୁ ତା' ସହିତ ମ୍ୟାଚିଂ କରି ନାଲି ରଙ୍ଗର ହାଇ ହିଲ ପିନ୍ଧିଲେ ଲୁକ ମଡ଼ର୍ନ ଲାଗିଥାଏ।

ଲେହେଙ୍ଗା ଉଇଥ ରଫଲ ଦୁପଟ୍ଟା: ମିକ୍ସ ଆଣ୍ଡ ମ୍ୟାଚ ପାର୍ଟନ ଆଉଟଫିଟରେ ବି ଚଳଣି ଏବେ ଖୁବ ଚାଲିଛି। ତେଣୁ ଆଜିକାଲି ଦେଖିବାକୁ ମିଳିଛି କେତେକ ଲେହେଙ୍ଗାର କେବଳ ଦୁପଟ୍ଟା ବା ଓଢଣୀରେ ରଫଲ କାମ ହୋଇ ଆସୁଛି , ଯାହାକୁ ପାର୍ଟି , ଫଙ୍କସନ ଏପରି କି ପର୍ବପର୍ବାଣିରେ ମଧ୍ୟ ପିନ୍ଧି ହେବ। ହେହେତୁ ଏହି ଲେହେଙ୍ଗାର କେବଳ ଦୁପଟ୍ଟାରେ ରଫଲ କାମ ହୋଇଥାଏ, ତେଣୁ ଏହାକୁ ମ୍ୟାଚିଂ କରି ରଫଲ ଜୁଏଲେରୀ ପିନ୍ଧିଲେ ଷ୍ଟାଇଲ ବାଲାନ୍ସ ଲାଗିଥାଏ।

ରଫଲ ଏମ୍ବ୍ରୋଡ଼ୋରୀ ଲେହେଙ୍ଗା ଚୋଲି: ଏମ୍ବ୍ରୋଡ଼ୋରୀ କାମ ହୋଇଥିବା ଆଉଟଫିଟ ସବୁବେଳେ ଆକର୍ଷଣୀୟ ଲାଗିଥାଏ। ଆଉ ଯେଉଁ ଲେହେଙ୍ଗାରେ ଏମ୍ବ୍ରୋଡ଼ୋରୀ ସାଙ୍ଗକୁ ରଫଲ ଡ଼ିଜାଇନର ବ୍ୟବହାର ହୋଇଥିବ , ତାହା ଯେ କେତେ ସୁନ୍ଦର ଦେଖାଯାଉ ନଥିବା ଥରେ ଚିନ୍ତା କରନ୍ତୁ ନା। ତା'ହେଲେ ଆଉ ଡ଼େରି କାହିଁକି ଏ ଷ୍ଟାଇଲର ଲେହେଙ୍ଗାକୁ କିଣି ଗ୍ଲାମାର୍ସ ଲୁକ ପାଇବାକୁ ପ୍ରସ୍ତୁ ତ ହୋଇ ଯାଆନ୍ତୁ ନା। ତେବେ ଏହି ଲେହେଙ୍ଗା ସହ ହାଲକା ଜୁଏଲାରୀ ପିନ୍ଧିଲେ ସୋବର ଲୁକ ମିଳିଥାଏ।

ଷ୍ଟୋନ ୱାର୍କ ରଫଲ ଲେହେଙ୍ଗା: ଏ ଧରଣର ଲେହେଙ୍ଗାରେ ଯେଉଁ ଯେଉଁ ସ୍ଥାନରେ ରଫଲର ବ୍ୟବହାର କରାଯାଇଥାଏ, ଠିକ ସେହି ସ୍ଥାନରେ ଗୋଟିଏ ଗୋଟିଏ ଷ୍ଟୋନ ଲାଗିବା ସହ ଲେହେଙ୍ଗାରେ ବ୍ଲାଉଜ ଓ ଦୁପଟ୍ଟାରେ ବି ଷ୍ଟୋନ କାମ ହୋଇଥାଏ। ଖାସ କରି ନାଇଟ ପାର୍ଟିର ଏହାକୁ ପିନ୍ଧିଲେ ରଙ୍ଗିନ ଆଲୋକରେ ଏହା ଖୁବ ଗର୍ଜିୟସ ଲାଗିଥାଏ। ତା'ଛଡ଼ା ଏହି ଲେହେଙ୍ଗାରେ ଷ୍ଟୋନ କାମ ହୋଇଥିବାରୁ ଏହା ସହିତ ଷ୍ଟୋନ ଜୁଏଲାରୀ ପିନ୍ଧିଲେ ହିଁ ଭଲ ମାନେ। ରୟାଲ ବ୍ଲୁ ଏମ୍ବ୍ରୋଡ଼ୋରୀ ରଫଲ

# ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍



ଭୁବନେଶ୍ୱର, ୭।୫ (ମହାଭାରତ): ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଂଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ମଙ୍ଗଳବାର ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍-୨୦୨୬' କୁ ଉଦ୍ ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ(ଆର ଆଣ୍ଡ୍ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଆଗାମୀ ଦିନରେ ଶିଳ୍ପ ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଂଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତିଭୂମି ଉପରେ ଆଧାରିତ । ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି। "ଫର୍ମ ଆଇଆଇଟିଏମ ଫର୍ ଭାରତ. ବଲ୍ଡିଂ ଟୁଗେଦର" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ। ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ।

# ଶୀତଳାପଲ୍ଲୀ ସମ୍‌ରେ ଜଟିଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୭।୫ (ମହାଭାରତ): ଅତ୍ୟାଧୁନିକ ଅସ୍ତ୍ରୋପଚାର ପାରଦର୍ଶିତା ଓ ବିଭିନ୍ନ ବିଭାଗର ସମନ୍ୱୟ ଫଳରେ ବ୍ରହ୍ମପୁର ଶୀତଳାପଲ୍ଲୀ ସ୍ଥିତ ସମ ହସ୍ପିଟାଲ୍‌ରେ ଦୁଇଟି ବିରଳ ଓ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାର ସଂପାଦନ କରାଯିବା ଦ୍ୱାରା ହସ୍ପିଟାଲ ଅଭୂତପୂର୍ବ ସଫଳତା ହାସଲ କରିଛି। ଚିକିତ୍ସା ନିମନ୍ତେ ରାଜ୍ୟ ଏବଂ ରାଜ୍ୟ ବାହାରେ ଅନେକ ହସ୍ପିଟାଲ ବୁଲିବା ପରେ ଶେଷରେ ଶୀତଳାପଲ୍ଲୀ ସମ୍ ହସ୍ପିଟାଲ୍‌ରୁ ସୁସ୍ଥ ହୋଇ ଫେରିଛନ୍ତି ରୋଗୀ। ପ୍ରଥମ ରୋଗୀଙ୍କ କ୍ଷେତ୍ରରେ ଶ୍ୱାସନଳୀରେ ଅବରୋଧ ଫଳରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅତ୍ୟନ୍ତ କଷ୍ଟ ଅନୁଭବ ହେଉଥିଲା। ଏହା ଦ୍ୱାରା ରୋଗୀର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏକ ଅତ୍ୟାଧୁନିକ ଶ୍ୱାସନଳୀ ପୁନଃନିର୍ମାଣ ପ୍ରକ୍ରିୟା- ଉନ୍ନତ ମାନର ସିଙ୍ଗଲ ଷ୍ଟେଜ୍ ଲାରିନ୍‌ଗୋଟ୍ରାକିଆଲ୍ ରିକନ୍‌ଷ୍ଟ୍ରକ୍ସନ୍ ଅସ୍ତ୍ରୋପଚାର କରାଯାଇ ରୋଗୀଙ୍କର ଚିକିତ୍ସା କରାଯାଇଥିଲା। ଏହି ଜଟିଳ ଅସ୍ତ୍ରୋପଚାରଟି ଇଏନ୍‌ଟି ବିଭାଗର ଡାକ୍ତର ପ୍ରିୟଜିତ ପାଣିଗ୍ରାହୀ, କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ ବିଭାଗର ଡାକ୍ତର ସମିର ପାଣିଗ୍ରାହୀ ଏବଂ ଡାକ୍ତର ଶୁଭଜିତ ସାହୁଙ୍କ ମିଳିତ ଉଦ୍ୟମରେ ସଂପାଦନ କରାଯାଇଥିଲା। ଏମାନଙ୍କର ମିଳିତ ପ୍ରଚେଷ୍ଟା ଯୋଗୁଁ ଏହି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା। ଏହି ଅସ୍ତ୍ରୋପଚାରଟି ଦକ୍ଷିଣ ଓଡ଼ିଶାରେ ଏକ ବିରଳ ସଫଳ ପ୍ରକ୍ରିୟା ହୋଇଥିବା ଜଣାପଡ଼ିଛି। ସେହିପରି ଅନ୍ୟ ଏକ ଜଟିଳ ସମସ୍ୟାରେ ପୀଡ଼ିତ ଥିବା ରୋଗୀ ଯାହାଙ୍କର ବେକରେ ନର୍ଭ ସିଥ ଟ୍ୟୁମର ସୃଷ୍ଟି ହୋଇଥିଲା ତାହାକୁ ବିଭିନ୍ନ ବିଭାଗର ଡାକ୍ତରମାନେ ମିଳିତ ଭାବେ ଅସ୍ତ୍ରୋପଚାର ମାଧ୍ୟମରେ ସଫଳ ଚିକିତ୍ସା କରି ସୁସ୍ଥ କରାଇଛନ୍ତି। ଏହି ଟିମ୍‌ରେ ଡାକ୍ତର ସୁଧାକର ଜେନା, ଡାକ୍ତର ପ୍ରଭାତ ଜଗଦେବ, ଡାକ୍ତର ସାଇରୁଦ୍ର




ପୁହାଣ ଓ ଡାକ୍ତର ପ୍ରତ୍ୟୁଷକାନ୍ତି ମିଶ୍ର ସାମିଲ ଥିଲେ । ସେମାନଙ୍କର ମିଳିତ ଉଦ୍ୟମ ଜଟିଳ ଅସ୍ତ୍ରୋପଚାରଗୁଡ଼ିକୁ ସଫଳ କରାଇବାର ଦକ୍ଷତାକୁ ପ୍ରତିପାଦିତ କରିଛି। ଡାକ୍ତରୀ ଟିମ୍‌କୁ ଶୁଭେଚ୍ଛା ଜଣାଇ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଶ୍ରୀ ଦେବ ପ୍ରସାଦ ଦାଶ କହିଛନ୍ତି ଯେ ପରୀକ୍ଷଣ ଏବଂ ଅସ୍ତ୍ରୋପଚାର କ୍ଷେତ୍ରରେ ଶୁଦ୍ଧତା, ବିଶେଷଜ୍ଞ ଡାକ୍ତରଙ୍କ ଟିମ୍ ୱାର୍କ ଏବଂ ରୋଗୀ ସେବା କ୍ଷେତ୍ରରେ ଉତ୍କର୍ଷତା ହିଁ ହସ୍ପିଟାଲ୍‌କୁ ସଫଳତା ଆଣିଦେଉଛି।

# କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଅବସର ଗ୍ରହଣ



ଭୁବନେଶ୍ୱର, ୭।୫ (ମହାଭାରତ): ୟୁନିଟ୍-୩ ସ୍ଥିତ କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ସତ୍ୟନାରାୟଣ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଗଣ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଗଣଙ୍କ ସହିତ କଟକ ଓ ଭୁବନେଶ୍ୱର ମହାନଗର ନିଗମର ଅନେକ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଓ ପ୍ରାଚିତନୟା ଗିରି ଉପସ୍ଥିତ ଥିଲେ। ଏମାନଙ୍କ ସହିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସୁଧାଂଶୁ କୁମାର ପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ବୃନ୍ଦାବନ ଶତପଥି, ଜୁନିଅର ରେଡକ୍ରସ୍ ର ସିଇଓ ଲକ୍ଷ୍ମଣ ସ୍ୱାଇଁ ଓ ଭୁବନେଶ୍ୱର ଜିଲ୍ଲା ଭାରତ ସ୍କାଉଟ କମିସନ୍ ର ଅମ୍ବିକା ପ୍ରଦାନ ଦାସ, ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ପ୍ରଭାତ କୁମାର ରଥ ଓ ପୁରାତନ ଛାତ୍ର ସଂଘ ସଭ୍ୟ ବିଜୟ ପାତ୍ର ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସନତ ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଗୌରଚନ୍ଦ୍ର ମହାପାତ୍ର, ବୁଦ୍ଧିଜୀବୀ ପ୍ରମୁଖ ବିଦ୍ୟାଳୟ ତଥା ପ୍ରଧାନଶିକ୍ଷକଙ୍କ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ । ଶ୍ରୀ ଦାଶଙ୍କ ନିରୋଗ ଜୀବନ କାମନା କରି ସଭାସଙ୍ଗ କରାଯାଇଥିଲା ।

# ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଉଦଘାଟିତ


ଭୁବନେଶ୍ୱର, ୭।୫ (ମହାଭାରତ): 'ଓଡ଼ିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ' (ଓପିଟିସିଏଲ) ପକ୍ଷରୁ ଆଜି ଚନ୍ଦକାସ୍ଥିତ ପାୱାର ଟ୍ରେନିଂ ସେଂଟର (ପିଟିସି) ଠାରେ ଏକ ଅତ୍ୟାଧୁନିକ ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଉଦଘାଟନ ହୋଇଛି। ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୁବିଧାର ଶୁଭାରମ୍ଭ କରିଛନ୍ତି। ଏହି ନୂତନ ଲାବୋରେଟୋରୀଟି ଓପିଟିସିଏଲର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଳନା ଏବଂ କାର୍ଯ୍ୟ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ସିମୁଲେସନ ଉପକରଣ ଦ୍ୱାରା ସଜ୍ଜିତ ଏହି ଲ୍ୟାବ୍ ଇଞ୍ଜିନିୟରମାନଙ୍କୁ ଜଟିଳ ଗ୍ରୀଡ୍ ପରିସ୍ଥିତିର ମଡେଲିଂ କରିବା, ଲୋଡ୍ ଫ୍ଲୋ ବିଶ୍ଳେଷଣ କରିବା ଏବଂ ବାସ୍ତବ ସମୟରେ ବିଦ୍ୟୁତ ସଙ୍କଟ ବା ତ୍ରୁଟିପୂର୍ଣ୍ଣ ଅବସ୍ଥାର ଅନୁକରଣ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ଏବଂ ଅକ୍ଷୟ ଶକ୍ତିର ସଂଯୋଗୀକରଣ ପାଇଁ ଏକ ସୁଦୃଢ଼ ଓ ଭବିଷ୍ୟତ-ଉପଯୋଗୀ ଟ୍ରାନ୍ସମିସନ ନେଟୱାର୍କ ନିଶ୍ଚିତ ହୋଇପାରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏକ ଶକ୍ତିଶାଳୀ ପରିବହନ ନେଟୱାର୍କ ହିଁ ବିକଶିତ ଓଡ଼ିଶାର ମେରୁଦଣ୍ଡ। ଏହି ପାୱାର ସିଷ୍ଟମ ସିମୁଲେସନ ଲାବୋରେଟୋରୀ ଆମ ଇଞ୍ଜିନିୟରମାନଙ୍କୁ ଆଗାମୀ ଆହ୍ୱାନଗୁଡ଼ିକର ପୂର୍ବାନୁମାନ କରିବା ଶିଳ୍ପ, କୃଷି ତଥା ଘରୋଇ ଗ୍ରାହକମାନଙ୍କୁ ୨୪ ଘଂଟିଆ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାରେ ସହାୟତା କରିବ।




ଏହି ପଦକ୍ଷେପ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର କରିବା ଦିଗରେ ଆମ ସରକାରଙ୍କ ଆଧୁନିକ ଓ ପ୍ରଯୁକ୍ତିଭିତ୍ତିକ ପ୍ରତିବଦ୍ଧତାକୁ ଦର୍ଶାଉଛି। ଓପିଟିସିଏଲର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଭାସ୍କର ଜ୍ୟୋତି ଶର୍ମା କହିଛନ୍ତି ଯେ, ଏହି ଲ୍ୟାବ୍ ଦକ୍ଷତା ବୃଦ୍ଧି, ଗବେଷଣା ଏବଂ ନୂତନତ୍ୱ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହା ଓପିଟିସିଏଲ ଏବଂ ଏସଏଲଡିସି ଇଞ୍ଜିନିୟରମାନଙ୍କୁ ପ୍ରାୟୋଗିକ ତାଲିମ ପ୍ରଦାନ କରିବା ସହ ତଥ୍ୟ-ଭିତ୍ତିକ ନିଷ୍ପତି ନେବାରେ ସହାୟକ ହେବ। ଏହି ଉଦଘାଟନୀ ଉତ୍ସବରେ ବି.ବି. ମେହେଟ୍ଟା (ନିର୍ଦ୍ଦେଶକ, ଏସଏଲଡିସି), ପ୍ରଶାନ୍ତ କୁମାର ପଟ୍ଟନାୟକ (ନିର୍ଦ୍ଦେଶକ, ଅପରେସନ), ପ୍ରଦୀପ କୁମାର ଦାଶ (ନିର୍ଦ୍ଦେଶକ, ପ୍ରକଳ୍ପ), ଶ୍ରୀକାନ୍ତ କୁମାର ସାହୁ (ନିର୍ଦ୍ଦେଶକ, ଅର୍ଥ) ଏବଂ ସିଜିଏମ (ମାନବ ସମ୍ବଳ ବିକାଶ) ଶ୍ରୀମତୀ ଅନିତା ମହାପାତ୍ରଙ୍କ ସମେତ ଓପିଟିସିଏଲର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶ୍ରୀମତୀ ମହାପାତ୍ର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ନବୀକୃତ ସମ୍ମିଳନୀ କକ୍ଷ ଉଦଘାଟିତ


ଭୁବନେଶ୍ୱର, ୭।୫ (ମହାଭାରତ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ନବୀକୃତ ସମ୍ମିଳନୀ କକ୍ଷର ନୂତନ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ସକାଳୁ ଶୁଭ ବେଳାରେ ପାରମ୍ପରିକ ପୂଜା ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ଆଶୀର୍ବାଦସ୍ୱରୂପ ଶ୍ରୀକ୍ଷେତ୍ରରୁ ମହାପ୍ରଭୁଙ୍କ କରପଲ୍ଲବ ଫୁଲ ଆସିଥିଲା। ସମ୍ମିଳନୀ କକ୍ଷକୁ ଉଦଘାଟନ କରି ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଏହା ରାଜସ୍ୱ ବିଭାଗର ନବକଳେବରର ପ୍ରତୀକ ବୋଲି ମତପ୍ରକାଶ କରିଥିଲେ।



ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ନବୀକୃତ ସମ୍ମିଳନୀ କକ୍ଷ ରାଜସ୍ୱ ବିଭାଗର ନୂତନ ସଂସ୍କାରମୂଳକ ପଦକ୍ଷେପମାନଙ୍କୁ ପ୍ରତିଫଳିତ କରୁଥିବା ବେଳେ ବିଭାଗର ସାମର୍ଥ୍ୟ ଏବଂ କାର୍ଯ୍ୟକାରିତା ବୃଦ୍ଧି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମତବ୍ୟକ୍ତ କରିଥିଲେ।

ନବୀକୃତ ସମ୍ମିଳନୀ କକ୍ଷରେ ପ୍ରଥମ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା, ପାରଦର୍ଶୀ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନମାନଙ୍କରେ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଏକ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା। ମନ୍ତ୍ରୀଙ୍କ ପରାମର୍ଶ ସହ ବିଭାଗର ବିଭିନ୍ନ ପ୍ରସଙ୍ଗରେ ସୁବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ନବୀକରଣ କାର୍ଯ୍ୟକୁ ସମ୍ପନ୍ନ କରିଥିବା ନିର୍ମାଣ ବିଭାଗର ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ।

# ସ୍କାଉଟ ଗାଇଡ ରାଜ୍ୟ ଯୁବ କମିଟି ବୈଠକ



ଭୁବନେଶ୍ୱର, ୭।୫ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ରାଜ୍ୟ ଯୁବ କମିଟି ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଅଛି । ଏହି ଯୁବ କମଟି ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଜିଲ୍ଲାରୁ ଯୋଗଦେଇଥିବା ସଭ୍ୟମାନଙ୍କ ଦ୍ୱାରା ବିଗତ ବର୍ଷରେ ହୋଇଥିବା କାର୍ଯ୍ୟର ବିବରଣୀ ଏବଂ ଆସନ୍ତା ବର୍ଷରେ ହେବାକୁ ଥିବା କାର୍ଯ୍ୟର ଯୋଜନା ବିଷୟରେ ଏକ ରିପୋର୍ଟ ପ୍ରସ୍ତୁତ କରି ଡଃ. ମିଶ୍ରଙ୍କୁ ଦେଇଥିଲେ । ଏହି ରିପୋର୍ଟକୁ ଡଃ. ମିଶ୍ର ତଦାରଖ କରି ଏହାକୁ କିପରି ଶିଘ୍ର କାର୍ଯ୍ୟକାରୀ କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ନିଜ ଅଭିଭାଷଣରେ କହିଥିଲେ । ଏହି ବୈଠକକୁ ଶ୍ରୀ ଶ୍ରୀ ୟୁନିଭରସିଟିର ରୋଭର ତଥା ରାଜ୍ୟ ଯୁବ କମିଟିର ଅଧ୍ୟକ୍ଷ ଶ୍ରୀ ରାକେଶ କୁମାର ମଲିକ୍ ପରିଚାଳନା କରିଥିବା ବେଳେ ରାଜ୍ୟ ଯୁବ କମିଟିର ଉପାଧ୍ୟକ୍ଷା ରୋସନ ପରବିନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ଷୁଦ୍ର ବ୍ୟବସାୟୀ 'ବିଜିନେସ ଏଆଇ' ବ୍ୟବହାର କରିପାରିବେ

ଭୁବନେଶ୍ୱର, ୭।୫ (ମହାଭାରତ): ହ୍ୱାଟସଅପ ଆଜି ଭାରତରେ ବିଜିନେସ ଏଆଇର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ଏହା ମାଧ୍ୟମରେ ହ୍ୱାଟସଆପ ବିଜିନେସ ଆପ୍‌ରେ ସିଧାସଳଖ ଏଆଇ-ଚାଳିତ ଗ୍ରାହକସେବା ସୁବିଧା ମିଳିପାରିବ। ଭାରତର ସମସ୍ତ ଆଞ୍ଚଳିକ ଭାଷାରେ ଉପଲବ୍ଧ ଏହି ବିଶେଷତ୍ୱ ଗୁଡ଼ିକ, ଯୋଗ୍ୟ ବ୍ୟବସାୟୀମାନଙ୍କୁ କୌଣସି ଅତିରିକ୍ତ ଯନ୍ତ୍ରାଂଶ କିମ୍ବା ମଞ୍ଚ ବିନା ଦିନରାତି ୨୪ ଘଣ୍ଟା ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବା, ଲିଡ୍ ସଂଗ୍ରହ କରିବା, ଆପଏଣ୍ଟମେଣ୍ଟ ବୁକ୍ କରିବା ଏବଂ ବିକ୍ରି ବୃଦ୍ଧି କରିବାରେ ସକ୍ଷମ କରିବ। ହ୍ୱାଟସଆପରେ ଥିବା ବ୍ୟବସାୟିକ ଏଆଇକୁ ବ୍ୟବସାୟର ନିଜସ୍ୱ ସୂଚନା ଅନୁଯାୟୀ ପାରମ୍ପରିକ ରୀତିରେ ପ୍ରସ୍ତୁତ କରାଯାଇପାରିବ, ଯାହା ଦ୍ୱାରା ବ୍ୟବସାୟୀମାନେ ବାରମ୍ବାର ପଚ଼ରା ଯାଉଥିବା ପ୍ରଶ୍ନଗୁଡ଼ିକର ଉତ୍ତରକୁ ସ୍ୱୟଂଚାଳିତ କରିପାରିବେ। ଏହା ଗ୍ରାହକମାନଙ୍କୁ ସାମଗ୍ରୀ ଓ ସେବା, ମୂଲ୍ୟ, ରିହାତି, ସିପିଙ୍ଗ ଏବଂ ଅନ୍ୟାନ୍ୟ ବିଷୟସମ୍ବନ୍ଧୀୟ ପ୍ରଶ୍ନର ସମାଧାନ କରିବାରେ ସାହାଯ୍ୟ କରିବ। ଖୁବ୍ ଶୀଘ୍ର ଏହା ୟୁପିଆଇ ବ୍ୟବହାର କରି ସିଧାସଳଖ ହ୍ୱାଟସଆପ ଚାଟ ମାଧ୍ୟମରେ ପେମେଣ୍ଟ କରିବାର ସୁବିଧା ମଧ୍ୟ ଯୋଗାଇ ଦେବ। ଯେତେବେଳେ କୌଣସି ଜଟିଳ ପ୍ରଶ୍ନ ବା ନିର୍ଦ୍ଦିଷ୍ଟ ସହାୟତାର ଆବଶ୍ୟକତା ପଡ଼ିବ, ବ୍ୟବସାୟୀ ଜଣକ ଏଆଇ ପ୍ରତିନିଧିଙ୍କ ଠାରୁ ସେହି ଚାର୍ଟକୁ ନିଜ ନିୟନ୍ତ୍ରଣକୁ ନେଇପାରିବେ। ଆସନ୍ତା କିଛି ସପ୍ତାହ ମଧ୍ୟରେ ସମସ୍ତ ଯୋଗ୍ୟ ବ୍ୟବସାୟୀଙ୍କ ପାଇଁ ହ୍ୱାଟସଆପ ବିଜିନେସ ଆପ୍‌ରେ ଏହି ବିଜିନେସ ଏଆଇ ଉପଲବ୍ଧ ହେବ। ଏକ କାନ୍ତାର ଅଧ୍ୟୟନ (୨୦୨୫), ଅନୁଯାୟୀ ଭାରତର ପ୍ରାୟ ୯୧% ଅନଲାଇନ ବ୍ୟବହାରକାରୀ ପ୍ରତି ସପ୍ତାହରେ କୌଣସି ନା କୌଣସି ବ୍ୟବସାୟ ସହିତ ଚାର୍ଟ କରନ୍ତୁ। ଏହା ସୂଚାଉଛି ଯେ, ଭାରତୀୟମାନେ ବ୍ୟବସାୟୀକ କାରବାର ପାଇଁ ବାର୍ତ୍ତାଳାପକୁ ସବୁଠାରୁ ଅଧିକ ପସନ୍ଦ କରୁଛନ୍ତି ଏବଂ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଏହି ସମ୍ପର୍କ ଯୋଡ଼ିବାରେ ହ୍ୱାଟସଆପର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହ୍ୱାଟସଆପରେ ଥିବା ବିଜିନେସ ଏଆଇ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଦିନର ଯେ କୌଣସି ସମୟରେ ଉପଲବ୍ଧ ରହିବା, ତତ୍କାଳ ଉତର ଦେବା ଏବଂ ପ୍ରତିଯୋଗୀତାରେ ଆଗରେ ରହିବା ପାଇଁ ଆବଶ୍ୟକୀୟ ଉପକରଣ ଯୋଗାଇଦେବ।

# ପ୍ରାଥମିକ ଚିକିତ୍ସା ଓ ସଡ଼କ ସୁରକ୍ଷା ରାଜ୍ୟସ୍ତରୀୟ ସଚେତନତା

ଭୁବନେଶ୍ୱର, ୭।୫ (ମହାଭାରତ): ପ୍ରାଥମିକ ଚିକିତ୍ସା ଏବଂ ସଡକ ସୁରକ୍ଷାକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ଓ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଏକ ୩-ଦିନିଆ ସଚେତନତା କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ପ୍ରାଥମିକ ଚିକିତ୍ସା ଜ୍ଞାନକୁ ଜୀବନର ଏକ ଅତ୍ୟାବଶ୍ୟକ କୌଶଳ ଭାବେ ବର୍ଣ୍ଣନା କରି ଛାତ୍ରଛାତ୍ରୀମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଦାୟିତ୍ୱବାନ ନାଗରିକ ଭାବେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏନଏସଏସ୍‌ର ଆଂଚଳିକ ନିର୍ଦ୍ଦେଶିକା ଶ୍ରୀମତୀ ସରିତା ପଟେଲ ଯୋଗ ଦେଇ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କର ସମାଜସେବା ଓ ଦୁର୍ଘଟଣା ପରିଚାଳନାରେ ଭୂମିକା ବିଷୟରେ ଆଲୋକପାତ କରିଥିଲେ ଏବଂ ସମୟୋଚିତ ପ୍ରାଥମିକ ଚିକିତ୍ସା ପ୍ରଦାନ ଦ୍ୱାରା ସଡକ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରାଯାଇପାରିବ ବୋଲି କହିଥିଲେ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରାଥମିକ ଚିକିତ୍ସା ଓ ସଡକ ସୁରକ୍ଷା ସମ୍ବନ୍ଧୀୟ ପ୍ରଶାସନିକ ଓ ଚିକିତ୍ସା ଦୃଷ୍ଟିକୋଣକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ଛାତ୍ରମାନଙ୍କ ସକ୍ରିୟ ଅଂଶଗ୍ରହଣ ସଂପର୍କରେ ନିଜ ମତାମତ ପ୍ରକାଶ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର ଏନଏସଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାଥମିକ ଚିକିତ୍ସା ସଚେତନତାର ଆବଶ୍ୟକତାକୁ ଉଲ୍ଲେଖ କରି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବାରେ ସକ୍ରିୟ ଭାଗ ନେବାକୁ ପ୍ରେରିତ କରିଥିଲେ। ସେ କହିଥିଲେ ଯେ ପ୍ରଶିକ୍ଷିତ ପ୍ରତ୍ୟେକ ବ୍ୟକ୍ତି ଜରୁରୀ ସମୟରେ ଜୀବନରକ୍ଷକ ଭୂମିକା ନିଭାଇ ପାରିବେ। ଉଦ୍‌ଘାଟନୀ ଅଧିବେଶନର ଶେଷରେ ସୋଆର ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡକ୍ଟର ସତ୍ୟ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



## ବ୍ୟାଙ୍କ କର୍ମଚାରୀଙ୍କ ମନମାନି

ବିନା ପ୍ରମାଣପତ୍ରରେ ଜଣେ ମୃତକଙ୍କ ଟଙ୍କାକୁ ଆଉ ଜଣଙ୍କୁ କିପରି ଦିଆଯାଇପାରିବ ? ଜିତୁ ମୁଣ୍ଡା ଜଣେ ମୂର୍ଖ ଲୋକ ଏବଂ ସେ ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର କିପରି କେଉଁଠୁ ଆଣିବ ତାହା ଜାଣିନି । ତେଣୁ ନିଜ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ଭାବେ ସେ ମାଟି ତଳେ ଖୋଳାଯାଇଥିବା ତାଙ୍କ ଭଉଣୀର ଶବକୁ କାନ୍ଧରେ ଆଣି ବ୍ୟାଙ୍କ ଶାଖାକୁ ଆଣିଥିଲା । ଏହାଠାରୁ ଅଧିକ ବଡ଼ ଗ୍ରହଣଯୋଗ୍ୟ ପ୍ରମାଣପତ୍ର ତା ନିକଟରେ ଆଉ କିଛି ନଥିଲା । ଏହା ପୂର୍ବରୁ ସେ ବ୍ୟାଙ୍କ ଶାଖାକୁ ଯାଇ ବ୍ୟାଙ୍କ ଅଧିକାରୀଙ୍କୁ ନିଜ ଦାବି ଏବଂ ଅଭିଯୋଗ ସମ୍ପର୍କରେ ନେହୁରା ହୋଇଥିଲେ ମଧ୍ୟ କେହି ତା କଥାକୁ ଗୁରୁତ୍ୱ ଦେଇନଥିଲେ ବା ସହାୟତା କରିନଥିଲେ । ଦାରୀଦ୍ର୍ୟ ହେତୁ ହେଉ ବା ଅନ୍ୟ କାରଣରୁ ଜିତୁ ନିଜ ଭଉଣୀର ଶବକୁ ପୋଡ଼ିନଥିଲା, ପୋତି ଦେଇଥିଲା । ତାହା ପୁଣି ବେଶୀ ଦିନ ହୋଇନଥିଲା । ତେଣୁ ସେ ନିଜ ଭଉଣୀର ଶବ ବା କଙ୍କାଳକୁ ଉଦ୍ଧାର କରି ବ୍ୟାଙ୍କକୁ ନେଇ ଆସିଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳକୁ ଆସିଥିଲା । ବୁଝାସୁଝା ପରେ ଶେଷରେ ଜିତୁ ନିଜ ଭଉଣୀର ଶବକୁ ପୁଣି ୪ କିମି ବାଟ କାନ୍ଧରେ ବୋହି ଫେରିଯାଇଥିଲା । କେହି ବ୍ୟକ୍ତି, ପୋଲିସ ବା ବ୍ୟାଙ୍କ କର୍ତ୍ତୃପକ୍ଷ ଅନ୍ତତଃ ପକ୍ଷେ ଜିତୁ ମୁଣ୍ଡାକୁ ନିଜ ଭଉଣୀର ଶବ ଫେରାଇନେବାରେ ସହାୟତା ମଧ୍ୟ କରିନଥିଲେ । କେହି ମାନବିକତାର ସାମାନ୍ୟତମ ପରିଚୟ ମଧ୍ୟ ଦେଇନଥିଲେ । ଧନ୍ୟବାଦ ଦେବାକୁ ପଡ଼ିବ ଗଣମାଧ୍ୟମକୁ । ଏହି ଘଟଣାର ବିସ୍ତୃତ ବିବରଣୀ ଫଟୋ ସହ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଲା । ଟିଭିରେ ମଧ୍ୟ ଏହାର ଦୃଶ୍ୟ ପ୍ରଦର୍ଶିତ ହେଲା ଟିଆରପି ପାଇଁ ଘରୋଇ ଟିଭି ଚାନେଲଗୁଡ଼ିକ ଏହାକୁ ବେଶ ବଢ଼ାଇ ଚଢ଼ାଇ ପ୍ରସାର କଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ, ଗଣମାଧ୍ୟମ ଏ ସମ୍ପର୍କରେ ସୂଚନା ପାଇଲା କେମିତି ? ଯାହା ବି ହେଉ ଗଣମାଧ୍ୟମ ତା କାମ କରିଛି । ଏହି ଘଟଣା ପ୍ରଚାରିତ ହେବା ପରେ ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲା । ଦାନ ମାଝୀ ଘଟଣାରେ ଓଡ଼ିଶା ଯେପରି ଚର୍ଚ୍ଚିତ ଏବଂ ବଦନାମ ହୋଇଥିଲା ଏବେ ଜିତୁମୁଣ୍ଡା ଘଟଣାରେ ଓଡ଼ିଶା ପୁଣି ବଦନାମ ହେଲା । ଓଡ଼ିଶା ଏକ ଗରିବ ଏବଂ ପଛୁଆ ରାଜ୍ୟ ବୋଲି ସାରା ବିଶ୍ୱରେ ଧାରଣା । ଏଭଳି କିଛି ଘଟଣା ଓଡ଼ିଶାର ଭାବମୂର୍ତ୍ତୀକୁ ରସାତଳଗାମୀ କରିଛି । ବାସ୍ତବରେ ବର୍ତ୍ତମାନ ସମୟରେ ଭାରତରେ ଏଭଳି ଏକ ଘଟଣା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ଆଫ୍ରିକାରେ ମଧ୍ୟ ଦେଖାଯାଉନି । ଏହି ଘଟଣା ପ୍ରଚାରିତ ହେବା ପରେ ଜିତୁ ମୁଣ୍ଡାଙ୍କ ନିକଟକୁ ସହାୟତାର ସୁଅ ଛୁଟୁଛି । ଉଭୟ ସରକାର ଏବଂ ବେସରକାରୀ ସ୍ତରରେ ଏହିସବୁ ସହାୟତା ମିଳୁଛି । ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଅଭ୍ୟାସ ମୁତାବକ ବିରୋଧୀ ଦଳ ଗୁଡ଼ିକ ମଧ୍ୟ ଏହାକୁ ନେଇ ତୁମ୍ବିତୋଫାନ ଆରମ୍ଭ କରି ଦେଇଛନ୍ତି । ଘଟଣାର ତଦନ୍ତ କରୁଥିବା ଆରଡିସି ତାଙ୍କ ରିପୋର୍ଟରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । କିନ୍ତୁ ବ୍ୟାଙ୍କ ଅଫିସର ସଂଘ ଏହାକୁ ବିରୋଧ କରିଛି । ଏହି ଘଟଣାରେ ଆଇନଗତ ଦୃଷ୍ଟିରୁ ବ୍ୟାଙ୍କର କିଛି ଭୁଲ ନାହିଁ । କିନ୍ତୁ ମାନବିକତା ଦୃଷ୍ଟିରୁ ବିଚାର କଲେ ଜଣେ ଗରିବ, ଅସହାୟ ଓ ଅଶିକ୍ଷିତ ଲୋକଟିକୁ ସାହାଯ୍ୟ କରିବା କ'ଣ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ ନଥିଲା । ବଡ଼ ବଡ଼ ସାର୍ଟିଫିକେଟ ହାସଲ କରିଥିବା ବ୍ୟାଙ୍କ କର୍ମଚାରୀମାନେ ନିଜକୁ ବେଶ ଜ୍ଞାନୀ ଗୁଣି ଦେଖାଉନ୍ତି । ନିଜ ପାଇଁ ବର୍ଦ୍ଧିତ ଦରମା, ଭତ୍ତା ଓ ଅନ୍ୟାନ୍ୟ ସହାୟତା ଦାବି କରିପାରୁଛନ୍ତି । କିନ୍ତୁ ମାନବିକତା କ'ଣ ସେମାନେ ପାଠ ବହିରୁ ସମ୍ଭବତଃ ଶିଖି ନାହାଁନ୍ତି । ତେଣୁ ଜଣେ ଗରିବ, ଅସହାୟ ଆଦିବାସୀ ବ୍ୟକ୍ତିଙ୍କ ପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଏଭଳି ଅମାନବୀୟ ଆଚରଣ ପ୍ରଦର୍ଶନ କରିଛନ୍ତି । ଏହା ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏହା ସହିତ ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କର ମଧ୍ୟ ଦୋଷ ରହିଛି ।

# ଦୁଇଟି ଜାତି, ଗୋଟିଏ ଧର୍ମ


॥ ପଙ୍କଜ କୁମାର ପାଣିଗ୍ରାହୀ ॥



> ଜାତିକୁ ଜାତି ମଧ୍ୟରେ ଏବଂ ଦୁଇଟି ଜାତି ମଧ୍ୟରୁ ଉଦ୍ଭୃତ ବିଭିନ୍ନ ପ୍ରଜାତିର କୌଣସି ବିଡମ୍ବନା ମଣିଷ ସମାଜ ପ୍ରତି ଘାତକ ହୋଇପାରେ । ବରଂ ସେଗୁଡ଼ିକୁ ବୁଝି, ସମୀକ୍ଷା କରି ସମସ୍ତଙ୍କ ସ୍ଥାନ ନିରୂପଣ କରାଗଲେ ମଣିଷ ସମାଜ ଅତ୍ୟନ୍ତ ସୁରୁଖୁରୁରେ ଚାଲିବ । କେତେକ କେଳେଙ୍କାରୀ ସ୍ୱାର୍ଥବାଦୀ ଅଜ୍ଞାନ ଚତୁରଙ୍କ ପ୍ରହେଳିକାକୁ ଉତ୍ତମ ରୂପେ ସମୀକ୍ଷା କରି ସମାଜରେ ସୃଷ୍ଟି କରାଯାଉଥିବା ଜାତି ଧର୍ମ ପ୍ରଥାର ବିଲୋପ ନହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ ।


ଜାତି ପ୍ରଥା କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱରେ ରହିଛି । କାରଣ ମନୁଷ୍ୟ ଉତ୍ପତ୍ତି ପରେ ବିଭିନ୍ନ ଜିନ୍‌ଯୁକ୍ତ ପ୍ରାକୃତିକ ଗୁଣ, ଧର୍ମ ଧାରୀ ମଣିଷ ଜନ୍ମ ହେଲେ ଯାହାଙ୍କ ମାନସିକତାରେ ବିଭିନ୍ନତା ଦେଖାଗଲା । ସେହି ବିଭିନ୍ନତା ମଧ୍ୟରେ ଅନେକ ଅସାମସ୍ୟ ବିଚାରଧାରା, କାର୍ଯ୍ୟ କରିବା ପ୍ରଣାଳି ତଥା ଜୀବନ ବଂଚିବା ଶୈଳୀ ଗୁଡିକରେ ମଧ୍ୟ ଅନେକ ତାରତମ୍ୟ ଦେଖାଗଲା । ତେଣୁ କୌଣସି ଗୋଟିଏ ଗୋଷ୍ଠୀର ଗୁଣଧର୍ମ ଧାରୀଙ୍କୁ ନେଇ ସମାଜରେ ଅନେକ ପ୍ରଜାତିର ମଣିଷଙ୍କ ଆବିର୍ଭାବ ହେବାକୁ ଲାଗିଲା । ସେମାନେ ନିଜ ନିଜ ସାମର୍ଥ୍ୟ ତଥା ବିଚାରଧାରାକୁ ନେଇ କର୍ମ କ୍ଷେତ୍ର ପ୍ରସ୍ତୁତ ପୂର୍ବକ ଜୀବନ ଅତିବାହିତ କରିବାକୁ ଲାଗିଲେ । ସେଇଥିରୁ ଗୋଟିଏ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ପ୍ରଜାତିର ମଣିଷଙ୍କ ଆବିର୍ଭାବ ହେତୁ ସେମାନଙ୍କ କାର୍ଯ୍ୟଧାରା ତଥା ଜୀବନ ଶୈଳୀକୁ ନେଇ ସୃଷ୍ଟି ହେଲା ଜାତି ପ୍ରଥା ଯାହା ଭିନ୍ନ ଭିନ୍ନ ପ୍ରଜାତିର ଗୋଷ୍ଠୀ ସୃଷ୍ଟି କରିବାରେ ସହଯୋଗ ହେଲା । ତେଣୁ ବିଭିନ୍ନ ଗୋଷ୍ଠୀର ପ୍ରଜାତିଙ୍କୁ ନେଇ ସୃଷ୍ଟି ହେଲା ସାମାଜିକ ଜାତି ପ୍ରଥା ।

ଇତି ମଧ୍ୟରେ କେତେକ ଅଜ୍ଞାନ ଚତୁର ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ଅନେକ ଅସାମସ୍ୟ, ଅକାରଣ ଜନିତ ବିଷୟ ତଥା ସମାଜରେ ଭୟାବହତା ସୃଷ୍ଟି କରି ନିର୍ବୋଧଙ୍କୁ ଲୁଟିବାକୁ ପ୍ରୟାସ କଲେ ତଥା ସେମାନଙ୍କୁ ନିଜ ବଶବର୍ତ୍ତୀ କରି ରଖି ପ୍ରତାରିତ କରିବାକୁ ଲାଗିଲେ । ସେଇଠି ଜାତିପ୍ରଥା ତଥା ଉଚ୍ଚ ନୀଚ ଭେଦଭାବ ସୃଷ୍ଟି ହୋଇ ଅଦ୍ୟାବଧି ତାହା ଆମ ସମାଜରେ ପ୍ରଚଳିତ ରହିଥିବା ଦେଖିବାକୁ ମିଳୁଛି । ବାସ୍ତବିକ ଏହିସବୁ ମନୁଷ୍ୟକୃତ ଜାତିପ୍ରଥାର କୌଣସି ପ୍ରାକୃତିକ ନିୟମ ନାହିଁ କେବଳ ଭିନ୍ନ ଭିନ୍ନ ଗୋଷ୍ଠୀର ଜିନ୍‌ଗତ ଗୁଣ ଧର୍ମ ବ୍ୟତୀତ । ଯାହା ହେଉ ବାସ୍ତବିକ ପ୍ରାକୃତିକ ନିୟମ ଦେଖିଲେ କେବଳ ଦୁଇଟି ଜାତି ଏବଂ ଗୋଟିଏ ଧର୍ମ ଦେଖିବାକୁ ମିଳିବ ମଣିଷ ତଥା ଅନ୍ୟାନ୍ୟ ଜୀବଜଗତରେ ଯାହାର କୌଣସି ସାମାଜିକ ସଚେତନତା ଅଦ୍ୟାବଧି ନାହିଁ ଆମ ସମାଜରେ । ସେଗୁଡିକ କ'ଣ ଏବଂ ତାହାର ମହତ୍ୱ କ'ଣ ବିଚାର କରିବା.....

ପ୍ରାକୃତିକ ଭାବେ ଦୁଇଟି ଜାତି ତଥା ଗୋଟିଏ ପୁରୁଷ ଏବଂ ଅନ୍ୟଟି ନାରୀ ଭାବେ ସୃଷ୍ଟି ହୋଇଛନ୍ତି ସବୁ ଜୀବଜଗତରେ । ଶାରୀରିକ ଗଠନ ପ୍ରଣାଳୀ ତଥା ପ୍ରବାହିତ ଗୁଣଧର୍ମ, ଆଚରଣକୁ ନେଇ ପରିଚାଳିତ ସେମାନଙ୍କ ଜୀବନ ଶୈଳୀ ଯାହା ସମ୍ପୂର୍ଣ୍ଣ ଭାବେ ପ୍ରକୃତିଦତ୍ତ ବିବର୍ତ୍ତନ ଜନିତ । ସେମାନଙ୍କ ଗୁଣସୂତ୍ରକୁ ନେଇ ପ୍ରବାହିତ ଭିନ୍ନ ଭିନ୍ନ ଚରିତ୍ର ଯୁକ୍ତ ଗୋଷ୍ଠବଦ୍ଧ ମଣିଷ ଦେଖିବାକୁ ମିଳନ୍ତି ଏହି ଦୁଇ ଜାତି ମଧ୍ୟରେ ଯାହାକୁ ଆମେ ବିଭିନ୍ନ ପ୍ରଜାତିରେ ଭାଗ କରି ପାରିବା । ମଣିଷ ସମାଜରେ କେବଳ ମାନବିକ ଧର୍ମ ଏକକ ଧର୍ମ ଭାବେ ପ୍ରକୃତି ଦତ୍ତ ଯାହା ସମସ୍ତ ବର୍ଗର ମଣିଷ ପ୍ରବାହ କରିବା ବିଧେୟ । କିନ୍ତୁ ବିଭିନ୍ନ ସାମାଜିକ ବିଭୀଷିକା କାରଣରୁ ମଣିଷ ସେହି ଏକକ ମାନବ ଧର୍ମକୁ ଆଜି ପର୍ଯ୍ୟନ୍ତ ବୁଝିନପାରି ସମାଜରେ ସୃଷ୍ଟି ହୋଇଛି ବିଭିନ୍ନ ଧର୍ମ ଯାହା ସବୁ ଅଯୌକ୍ତିକ, ମୂଲ୍ୟହୀନ । ଏହି ଦୁଇଟି ଜାତି ମଧ୍ୟରେ ସମନ୍ୱୟ ରକ୍ଷାକରି ବଂଶବିସ୍ତାର ଉଦ୍ଦେଶ୍ୟ ରଚିଛି ପ୍ରକୃତି ।

ତେଣୁ ଦୁଇଟି ଜାତି ମଧ୍ୟରେ ଯେଉଁ ସମ୍ପର୍କ ସ୍ଥାପନ ହୁଏ ତାହାର ଅନେକ ମାନସିକ, ଶାରୀରିକ, ରାସାୟନିକ ପ୍ରତିକ୍ରିୟାର ପ୍ରାବଧାନ ରହିଛି ଯାହା ସବୁ ପ୍ରକୃତିଦତ୍ତ / ପ୍ରାକୃତିକ । ସେହି ପ୍ରାକୃତିକ ପ୍ରତିକ୍ରିୟା ଜନିତ ବଂଶ ବିସ୍ତାର ହୁଏ ପିଢ଼ି କୁ ପିଢ଼ି । କିନ୍ତୁ ଗୋଟିଏ ଜାତି ତଥା ପୁରୁଷ କିମ୍ବା ସ୍ତ୍ରୀ ମାନଙ୍କ ମଧ୍ୟରେ ଭିନ୍ନତା କି ଏହି ଜାତିର ପ୍ରଜାତି ବୋଲି କୁହାଯାଇ ପାରିବ ସେମାନଙ୍କ ପ୍ରବାହିତ ଗୁଣ, ଧର୍ମ, ଚରିତ୍ରକୁ ନେଇ । ସେହି ପ୍ରବାହିତ ଗୁଣ, ଧର୍ମ, ଚରିତ୍ର ଗୁଡିକର ପରିଚୟ ଜନିତ ନାମ କାରଣକୁ ସାମାଜିକ ଜାତି ପ୍ରଥା ବୋଲି କୁହାଯାଉ ଅଛି । ଏବଂ ସେହି ପ୍ରବାହିତ ଗୁଣ, ଧର୍ମ, ଚରିତ୍ର ଗୁଡିକ ସମ୍ପୂର୍ଣ୍ଣ ପ୍ରାକୃତିକ ବିବର୍ତ୍ତନ ଜନିତ ଜିନ୍ ଗତ ହୋଇଥିବା ବେଳେ ମନୁଷ୍ୟ କୃତ ସାମାଜିକ ଗ୍ରହଣୀୟତା କିମ୍ବା ପରିବର୍ତ୍ତନର ଅଭିଳାଷ କୌଣସି ମତେ ତାକୁ ପରିବର୍ତ୍ତନ କରିପାରିବ ନାହିଁ, ବରଂ ସମୟ ସାପେକ୍ଷ ଅସାମସ୍ୟ ସାମାଜିକ ବିଭୀଷିକା ସୃଷ୍ଟି କରି ସମାଜର ଅମଙ୍ଗଳ, ଅନୁନ୍ନତି ହେବା ଛଡା କୌଣସି ଭାବେ ଭଲ ହୋଇପାରିବ ନାହିଁ !

ଅତଏବ ଏହି ଦୁଇଟି ଜାତିର ମଣିଷ ଏବଂ ମଣିଷ ଭାବେ ପ୍ରବାହ ଯୋଗ୍ୟ ଏକକ ମାନବ ଧର୍ମକୁ ଅନୁସରଣ କରି ନିଜସ୍ୱ ପ୍ରକୃତିଦତ୍ତ ଗୁଣ, ଧର୍ମ, ଚରିତ୍ର ହେତୁ ମନରେ ସୃଷ୍ଟି ହେଉଥିବା ଆବେଗକୁ ସମ୍ମାନ ପୂର୍ବକ ନିଜ ନିଜ ଜୀବନ ଶୈଳୀ ତଥା ସାମାଜିକ କ୍ଷେତ୍ରରେ ନିଜକୁ ପରିଚାଳିତ କରିବା ଲକ୍ଷ ରଖିଲେ ମଣିଷ ସମାଜର ଉନ୍ନତି ହୋଇ ପାରିବ । ଅନ୍ୟଥା କୁହେଳିକା ତଥା ଅଜ୍ଞାନ ଚତୁରଙ୍କ ଷଡ଼ଯାନ୍ତ୍ରୀକ ପ୍ରବଚନ କିମ୍ବା ପ୍ରହେଳିକାରେ ନିଜକୁ ସାମିଲ କରି ପ୍ରତାରିତ ହେବା ବ୍ୟତୀତ କୌଣସି ଭଲ ହେବା ସମ୍ଭାବନା ନାହିଁ । ଯେଉଁ ପ୍ରଜାତି ଗୁଡିକ ସମାଜରେ ଦେଖିବାକୁ ମିଳୁଛନ୍ତି ସେମାନେ ସମସ୍ତେ ନିର୍ଦ୍ଧାରିତ ପ୍ରାକୃତିକ ବିବର୍ତ୍ତନ ଜନିତ ସୃଷ୍ଟି । ସେମାନଙ୍କ ପ୍ରବାହିତ ଗୁଣ, ଧର୍ମ, ଚରିତ୍ର ଗୁଡିକ ପରିବର୍ତ୍ତନ ସମ୍ଭବ ନୁହେଁ । ସେଥି ମଧ୍ୟରେ କେତେକ ମାନବିକ ଧର୍ମକୁ ଯୋଡ଼ିଦେଇ ଆମେ ଉତ୍ତମ ଜୀବନ ଯାପନ କରିବାରେ କେବଳ ସମର୍ଥ ହୋଇପାରିବା । ଏତଦ୍ ବ୍ୟତୀତ ଅନ୍ୟ କୌଣସି ବାସ୍ତବ, ସତ୍ୟ ନାହିଁ ଯାହା ସବୁ ଅଜ୍ଞାନ ଚତୁର ପ୍ରହେଳିକା ମାଧ୍ୟମରେ ସମାଜରେ ବିତରଣ କରି ନିଜସ୍ୱ ସ୍ୱାର୍ଥ ହାସଲ କରୁଛନ୍ତି ସେଗୁଡିକ ବର୍ଜନୀୟ ନିଶ୍ଚୟ ।

ଜାତିକୁ ଜାତି ମଧ୍ୟରେ ଏବଂ ଦୁଇଟି ଜାତି ମଧ୍ୟରୁ ଉଦ୍ଭୃତ ବିଭିନ୍ନ ପ୍ରଜାତିର କୌଣସି ବିଡମ୍ବନା ମଣିଷ ସମାଜ ପ୍ରତି ଘାତକ ହୋଇପାରେ । ବରଂ ସେଗୁଡ଼ିକୁ ବୁଝି, ସମୀକ୍ଷା କରି ସମସ୍ତଙ୍କ ସ୍ଥାନ ନିରୂପଣ କରାଗଲେ ମଣିଷ ସମାଜ ଅତ୍ୟନ୍ତ ସୁରୁଖୁରୁରେ ଚାଲିବ । କେତେକ କେଳେଙ୍କାରୀ ସ୍ୱାର୍ଥବାଦୀ ଅଜ୍ଞାନ ଚତୁରଙ୍କ ପ୍ରହେଳିକାକୁ ଉତ୍ତମ ରୂପେ ସମୀକ୍ଷା କରି ସମାଜରେ ସୃଷ୍ଟି କରାଯାଉଥିବା ଜାତି ଧର୍ମ ପ୍ରଥାର ବିଲୋପ ନହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ଏକକ ମାନବ ଧର୍ମର ସଜ୍ଞା ବୁଝିନଥିବା ଅଜ୍ଞାନଙ୍କ କୁହେଳିକାକୁ ଉପସ୍ଥିତ ସମୟର ଚତୁର ବ୍ୟବହାର କରି ସ୍ୱାର୍ଥ ହାସଲ କରି ସମାଜରେ ଉଚ୍ଚ ସ୍ଥାନିତ ହେଉଥିବା ବେଳେ ସାଧାରଣ ନିର୍ବୋଧ ସେମାନଙ୍କ ପଥଭ୍ରଷ୍ଟ ପ୍ରଚାର, ପ୍ରସାରକୁ ବର୍ଜନ କରିବା ନିତ୍ୟାନ୍ତ ଆବଶ୍ୟକ । ମାନବ ଧର୍ମକୁ ବୁଝିବା ଏବଂ ମାନବିକ ଧର୍ମରେ ସମସ୍ତେ ନିଜକୁ ସଂସ୍ଥାପିତ କଲେ ଯେ ବିଶ୍ୱ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ସେଇଥିରେ କୌଣସି ଅସମ୍ଭବ ନାହିଁ । କିନ୍ତୁ ତାହା କରିବାକୁ ହେଲେ ପ୍ରଥମେ ଚତୁରଙ୍କ ଷଡ଼ଯନ୍ତ୍ରକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ଜ୍ଞାନ ଅର୍ଜନ ପୂର୍ବକ ପ୍ରକୃତ ଜ୍ଞାନୀଙ୍କୁ ସାମାଜିକ ଉଚ୍ଚସ୍ଥାନିତ କରାଯିବା ନିତାନ୍ତ ଆବଶ୍ୟକ । ଏବଂ ସମାଜରେ ଜାତି ଧର୍ମର ଉପଯୁକ୍ତ ଜ୍ଞାନ ବଣ୍ଟନ ପୂର୍ବକ ମଣିଷ ସମାଜକୁ ଶୁଦ୍ଧ କରାଯାଇ ପାରିବ ଯାହା କାହାର ଅନ୍ତର୍ଭାବ ହେଉନଥିବା ଆଜି ସମୟର ଅତ୍ୟନ୍ତ ଦୁଖଦଃ ବିଷୟର ଅନ୍ତ କେବେ.....?!


ଛତ୍ରପୁର, ଗାମ -୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭


# କୁନି ଓଠରେ କଥା ନାହିଁ


॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥


ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଚ୍ଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ୍ୟ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ି ଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ- ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି ।

ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।


ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦


# ପାକ୍ ଓ ଜମାତର ଭାରତ ବିରୋଧୀ ପ୍ରଚାର


॥ ସୌମେନ୍ଦ୍ର ଜେନା ॥


କେସିସି ଏବଂ କେଆର୍‌ଏଫ୍‌ସି କାନାଡାରୁ ଅର୍ଥ ସଂଗ୍ରହ କରି ପାକ୍‌ର ରିଲିଫ୍ ଅର୍ଗାନାଇଜେସନ ଫର୍ କାଶ୍ମୀର ମୁସଲିମ୍ (ଆରଓକେଏମ୍)କୁ ପ୍ରାୟ ୨୮୧,୯୯୬ ଡଲାର ଅର୍ଥ ଯୋଗାଇଥିଲେ । କାନାଡା ରେଭିନ୍ୟୁ ଏଜେନ୍ସୀର ଅନୁସନ୍ଧାନରୁ ଜଣାପଡିଲା ଯେ ଆର୍‌ଓକେମ୍ ପ୍ରକୃତରେ ଜିମାତେ ଇସଲାମୀର ସଂସ୍ଥା ଯାହାର ଉଗ୍ରବାଦୀ ସଂଗଠନ ହେଉଛି ହିଜବୁଲ ମୁଜାହିଦ୍ଦୀନ । ହିଜବୁଲ ମୁଜାହିଦ୍ଦୀନର ସନ୍ତ୍ରାସବାଦୀ କାର୍ଯ୍ୟ ପାଇଁ ଏହି ସଂଗଠନ ଉପରେ ପୃଥିବୀର ଅନେକ ରାଷ୍ଟ୍ରରେ ନିଷେଧାଦେଶ ରହିଛି । ରିଲିଫ୍ ଅର୍ଗାନାଇଜେସନ ଫର୍ କାଶ୍ମୀର ମୁସଲିମ ସଂଗଠନ କାନାଡାରୁ ଯେଉଁ ଅର୍ଥ ପାକିସ୍ଥାନର ଜମାତେ ଇସଲାମୀକୁ ଦେଇଥିଲା ତାହା ନିଶ୍ଚିତ ରୂପେ ହିଜବୁଲ ମୁଜାହିଦ୍ଦୀନର କାର୍ଯ୍ୟରେ ବିନିଯୋଗ ହୋଇଥିବା ନେଇ ଅନୁସନ୍ଧାନକାରୀ ଏଜେନ୍ସୀ ନିଶ୍ଚିତ ହୋଇଥିଲେ । ଜଷ୍ଟିସ ଫର୍ ଅଲ୍ ସଂଗଠନ ଆମେରିକାରେ ରହି କିପରି ପାକ୍ ସରକାର ଏବଂ ଆଇଏସ୍‌ଆଇ ସହ ସଂପର୍କ ରଖି କାର୍ଯ୍ୟ କରିଥାଏ ତାହା ଦେଖାଯାଉ । ୧୯୯୯ରେ ଜେଏଫ୍‌ଏ ୱେବସାଇଟରେ କାଶ୍ମୀର ଇନ୍‌ଫରମେସନ ନେଟୱାର୍କ (କେଆଇଏନ୍) ନାମଥିବା ଦେଖାଯାଇଥିଲା । ତାକୁ କ୍ଲିକ୍ କଲେ ତାହା ପାକ୍ ସରକାରଙ୍କ ୱେବସାଇଟ୍ ପାକ୍ ଗଭ୍‌ନେଟ୍‌ରେ ପହଞ୍ଚାଇ ଦେଉଥିଲା । ଯେଉଁଠି ପାକ୍ ସରକାରଙ୍କ ସୂଚନା ବିଭାଗ ପକ୍ଷରୁ ପ୍ରଦତ୍ତ ବିଷୟସବୁ କାଶ୍ମୀର ଇନଫରମେସନ ନେଟୱାର୍କରେ ପଡୁଥିଲା । ଯେଉଁ ବର୍ଷ ଜେଏଫ୍‌ଏ ଜନ୍ମ ନେଇଥିଲା ସେହିବର୍ଷ ୨୬ ଜାନୁଆରୀ ୧୯୯୯ରେ କାଶ୍ମୀର ଇନଫରମେସନ ନେଟୱାର୍କ କାର୍ଯ୍ୟାରମ୍ଭ କରିଥିଲା ।

କେବଳ ସେତିକି ନୁହେଁ, ଜେଏଫ୍‌ଏର ୧୯୯୯ରେ ଖୋଲାଯାଇଥିବା ୱେବସାଇଟରୁ ପାକ୍ ସରକାରଙ୍କ ସହ ସଂପର୍କ ରହିଥିବା ଅନେକ ପ୍ରମାଣ ରହିଛି । ଯେମିତି ଏହାର କାଶ୍ମୀର ବୁକ୍ସ ଅନ୍‌ଲାଇନରେ ଦୁଇଟି ପୁସ୍ତକ ରହିଥିଲା । ଦୁଇଟିଯାକ ପୁସ୍ତକରେ କ୍ଲିକ୍ କଲେ ତାହା ପାକ୍-ଗଭ୍-ପିଓକେରେ ପହଞ୍ଚାଇ ଦେଉଥିଲା , ଯାହା ପାକ୍ ସରକାରଙ୍କର ନିଜସ୍ୱ ୱେବସାଇଟ ଥିଲା, ଏହାକୁ ପାକ୍ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସାଇବର ଶାଖା ପରିଚାଳନା କରୁଥିଲା । "ଏ ସର୍ଟ ବିବିଲିଓଗ୍ରାଫି ଅନ୍ କାଶ୍ମୀର" ବହି ଏଥିରେ ରହିଥିଲା, ଯାହା ଉପରେ କ୍ଲିକ୍ କଲେ ତାହା ପାକ୍ ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ପୁସ୍ତକାବଳୀ ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପଲିସି ଷ୍ଟଡିଜ୍ (ଆଇପିଏ) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରେଜିଓନାଲ ଷ୍ଟଡିଜ୍, (ଇସଲାମାବାଦ) ନିକଟରେ ପହଞ୍ଚାଇ ଦେଉଥିଲା ।


ଜଷ୍ଟିସ ଫର୍ ଅଲ୍ ପକ୍ଷରୁ ଚାଲିଥିବା ୨୦୦୦ପର ୱେବସାଇଟରେ ଇସଲାମାବାଦର ପଲିସୀ ଷ୍ଟଡିଜର ଅନେକ ଲେଖା ରହିଥିଲା । ୱେବସାଇଟର ସୂଚନା ଅନୁଯାୟୀ ଏହି ସଂସ୍ଥା (ଆଇପିଏସ୍) ଏକ ସ୍ୱୟଂସେବୀ ସଂଗଠନ ଭାବେ ୧୯୭୯ରେ ପାକିସ୍ଥାନର ସିନେଟର ଖୁର୍ସିଦ ଅହମଦଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ସେ ଏହାର ଅଧ୍ୟକ୍ଷ ଏବଂ ମୁଖ୍ୟ ପୃଷ୍ଠପୋଷକ ରହିଆସିଛନ୍ତି । ଖୁର୍ସିଦ ଅହମଦ ତାଙ୍କ ଜୀବନ କାଳର ଅଧା ସମୟ ପାକ୍‌ରେ ବିତାଇଥିଲା ବେଳେ ୧୯୭୯ରେ ଏହି ସଂସ୍ଥା ଆରମ୍ଭ କରିଥିଲେ । ଶିକ୍ଷା ଶେଷ ହେବା ପରେ ସେ ୧୯୪୯ରେ ଜମିଆତ୍ -ଇ-ତଲାବରେ ଯୋଗଦାନ କରି ପରେ ୧୯୫୩ରୁ ୧୯୫୫ ଯାଏଁ ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇଥିଲେ । ପରେ ସେ ଜମାତେ ଇସଲାମୀରେ ଯୋଗଦେଇ ଉପାଧ୍ୟକ୍ଷ ଏବଂ ବିଦେଶରେ ଜମାତର ପ୍ରବକ୍ତା ହୋଇଥିଲେ । ୧୯୬୬ରେ ସେ ଜଣେ ଗବେଷକ ଭାବେ ଇଂଲଣ୍ଡର ୟୁନିଭରସିଟୀ ଅଫ୍ ଲିସେଷ୍ଟରକୁ ଯାଇ ୧୯୬୮ରେ ଦି ଇସଲାମିକ ଫାଉଣ୍ଡେସନ ଗଠନ କଲେ । ତାଙ୍କର ସେହି କାର୍ଯ୍ୟରେ ବଙ୍ଗଳାଦେଶରେ ଯୁଦ୍ଧ ଅପରାଧୀ ଘୋଷିତ ଖୁର୍ରମ ମୁରାଦ ସହଯୋଗୀ ଥିଲା । ଇସଲାମିକ ଫାଉଣ୍ଡେସନ ଜମାତେ ଇସଲାମୀର ବ୍ରିଟେନସ୍ଥିତ ଥିଙ୍କଟ୍ୟାଙ୍କ୍ ଭାବେ ପରିଚିତ ।

୨୦୧୬ରେ ପାକ୍ ସିନେଟର ଏକ ରିପୋର୍ଟକୁ ଆଇପିଆର୍‌ଆଇ ଏବଂ ଇସଲାମାବାଦ ପଲିସୀ ଷ୍ଟଡିଜ୍ ମିଶି ପ୍ରସ୍ତୁତ କରିଥିଲେ, ଯେଉଁଥିରେ ଭାରତର ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ଦଳିତ ଓ ମାଓବାଦୀ ସନ୍ତ୍ରାସବାଦରୁ ପାକିସ୍ଥାନ କିପରି ଲାଭ ଉଠାଇପାରିବ ସେ ବିଷୟରେ ଉଲ୍ଲେଖ ରହିଥିଲା । ଭାରତରେ ମୋଦୀ ସରକାରଙ୍କୁ ବିରୋଧ କରାଯିବା ଲାଗି କିପରି ବିରୋଧୀ ଦଳ, ଗଣମାଧ୍ୟମ, ସିଭିଲ ସୋସାଇଟୀ ସଂଗଠନ, ମାନବାଧିକାର ଗୋଷ୍ଠୀଗୁଡିକୁ କାର୍ଯ୍ୟରେ ଲଗାଯାଇପାରିବ ଏବଂ ଜାମ୍ମୁ-କାଶ୍ମୀର ବିଷୟକୁ ବିଦେଶୀ ମିଡିଆ ତଥା ସୋସିଆଲ ମିଡିଆରେ ଉପଯୋଗ କରାଯାଇପାରିବ, ସେ ବିଷୟରେ ଉଲ୍ଲେଖ ରହିଥିଲା । ଏଥିରୁ ଏକ ଇକୋସିଷ୍ଟମକୁ ଧରି କିପରି ପାକ୍ ଏବଂ ଜମାତ ଗୋଷ୍ଠୀ ସମଗ୍ର ବିଶ୍ୱରେ ଭାରତ ବିରୋଧୀ ଚଳାଇଛନ୍ତି ଏସବୁ ତାର ସ୍ପଷ୍ଟ ପ୍ରମାଣ ।


ଭାରତୀୟ ସମ୍ବାଦ ସେବା (ଭାସ)

ଭୁବନେଶ୍ୱର-୭୫୧୦୦୩

## ଅର୍ଥାଭାବରୁ ଆବଶ୍ୟକ ଚିକିତ୍ସା ନ ପାଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଶିବରାମ



ଗଜପତି(ମହାଭାରତ): ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଅସାବଧାନ ଯୋଗୁଁ ଗଛରୁ ପଡି ଶଯ୍ୟାଶାୟୀ ହୋଇପଡିଛନ୍ତି । ଗରିବ ଯୋଗୁଁ ଅର୍ଥାଭାବରେ ଆବଶ୍ୟକ ଚିକିତ୍ସା ନ ପାଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଜଣେ ଦିନ ମଜୁରିଆଙ୍କ ଦୁଃଖଦ କାହାଣୀ ଲକ୍ଷ୍ୟ କରାଯାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ ବ୍ଲକ ସାନତୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଏସ୍ ରେମ୍ପି ଗ୍ରାମରେ । ଏହି ଜିଲ୍ଲାର ଲାଇଲାଇ ପଞ୍ଚାୟତ କୁରୁଡ଼ା ଗ୍ରାମର ଶିବରାମ ଶବର ନିଜ ପରିବାର ସହ ଏସ୍.ରେମ୍ପି ଗ୍ରାମରେ ଏକ କୁଡ଼ିଆରେ ରହୁଥିଲେ । ପରିବାର କହିଲେ ସ୍ତ୍ରୀ ସୁମିତ୍ରା ଏବଂ ଦୁଇ ଜାଆଁଳ କନ୍ୟା ସନ୍ତାନ ଗଙ୍ଗା ଓ ଯମୁନା ଓ କିଛି ଦିନ ପୂର୍ବେ ଶିବରାମ କାଜୁ ତୋଳିବା ପାଇଁ ଗଛ ଚଢି ତୋଟାରେ କାମ କରିବା ବେଳେ ଅସାବଧାନତା ବଶତଃ ଗଛରୁ ଖସି ପଡ଼ିଥିଲେ । ତାଙ୍କର ଡାହାଣ ହାତ ସହ ଅଣ୍ଟାର ହାଡ଼ ଭାଙ୍ଗି ଯାଇଛି । ପ୍ରଥମେ ତାଙ୍କୁ ରାୟଗଡ଼ ସରକାରୀ ଡାକ୍ତରଖାନା ଓ ପରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା । ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ମାତ୍ର ପାଖରେ ଟଙ୍କା ନଥିବାରୁ ବ୍ରହ୍ମପୁର ନଯାଇ ପରିବାର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିଥିଲେ ବର୍ତ୍ତମାନ ଶିବରାମ ବିନା ଚିକିତ୍ସାରେ ଘରେ ପଡ଼ି ରହିଛନ୍ତି । ଅଣ୍ଟା ଭାଙ୍ଗି ଯାଇଥିବାରୁ ସେ ସର୍ବଦା ଶୋଇ ରହୁଛନ୍ତି । ଶିବରାମ ଖଟିଆରେ ପଡିବା ଦିନ ଠାରୁ ପରିବାରର ଗୁଜରାଣ ମୋଟାମୋଟି ଭାବେ ବନ୍ଦ ହୋଇଯାଇଛି । ପରିବାର ବର୍ଗ ବହୁ ଦୁଃଖ ଯନ୍ତ୍ରଣା ଓ ଉପବାସରେ ଦିନ କାଟୁଛନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରି ପ୍ରଶାସନ ଓ ରାଜ୍ୟ ସରକାର ଏହି ଦୁଃଖଦ ପରିବାରକୁ ସହାୟତା ପ୍ରଦାନ କରନ୍ତୁ ବୋଲି ନିବେଦନ କରିଛନ୍ତି ।

## ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ

### ସମସ୍ୟା ଶୁଣିଲେ, ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

ଲାଞ୍ଜିଗଡ଼,(ମହାଭାରତ )-ଆଜି ଦିନିକିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଲାଞ୍ଜିଗଡ଼ ବ୍ଲକ ପରିଦର୍ଶନ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ପ୍ରଥମେ ମନ୍ତ୍ରୀ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ । ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କାଙ୍କ ସହିତ ରୋଗୀ କଲ୍ୟାଣ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ମନ୍ତ୍ରୀ ଚନ୍ଦନପୁର ଗାଁ ଯିବା ସହିତ ନିର୍ମାଣାଧୀନ ପିଏମ ଜନମନ ଘର ଦେଖି ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ଲାଞ୍ଜିଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଦର୍ଶନ କରିବା ପରେ ବିଜେପି ଦ୍ୱାରା ଆୟୋଜିତ ଦଳୀୟ କର୍ମୀ ସମ୍ମିଳନୀରେ ଉଦବୋଧନ ଦେଇଥିଲେ । ବିଜେପି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗାଁ



ଗାଁରେ ବାର୍ତ୍ତା ପହଞ୍ଚାଇବାକୁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଜେପି ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପସଭାପତି ରମେଶ ଚନ୍ଦ୍ର ମାଝୀ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଜିଲ୍ଲା ଉପସଭାପତି ଜୟଶଙ୍କର ନାଏକ, ମୁକେଶ ଅଗ୍ରୱାଲ, ରୂପେଶ ଜୈନ, ମହିଳା ନେତ୍ରୀ ସନ୍ତୋଷୀ ଦାସ, କାଞ୍ଚନ ବାଗ, ଲାଞ୍ଜିଗଡ଼ ବ୍ଲକ ଅଧକ୍ଷା କମଳା ପାତ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ବିଜେପି ନେତା ତୋଫାନ ସୁନାନୀ, ସନ୍ତୋଷ ବିଶି, ତୁଳସୀ ମାଝୀ, ନରେନ୍ଦ୍ର ବେହେରା, ସୁବାସ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ । ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଏହି ଦଳୀୟ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶ୍ରୀ ପୋଢ଼ ସଭାପତିତ୍ୱ କରିଥିବାବେଳେ ସନ୍ତୋଷ ବିଶି ଓ ତୋଫାନ ସୁନାନୀ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକର ବିଭିନ୍ନ ଅ□ଳରୁ ଚାରିଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ହୋଇଥିଲେ ।ସେହିପରି ୩୦ରୁ ଅଧିକ ଅନ୍ୟ ଦଳର ନେତା ଓ କର୍ମୀ ବିଜେପି ଦଳରେ ସାମିଲ ହୋଇଥିଲେ ।

## ଗୋଧିରାମପଡ଼ା ସ୍କୁଲ ରୁ ଚୋରୀ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ପଳାଶଘାଟି ପଂଚାୟତ ଗୋଧିରାମପଡା ପ୍ରାଥମିକ ବିଦ୍ୟାଳୟ ରୁ ମଧାହ୍ନ ଭୋଜନ ଚାଉଳ ଦୁର୍ବୃତ୍ତ ମାନେ ଚୋରି କରି ନେଇ ଛନ୍ତି । ସୂଚନା ରୁ ପ୍ରକାଶ ଗ୍ରୀଷ୍ମ ଛୁଟି ରହିଥିବା ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଗୋଧିରାମପଡ଼ା ପ୍ରାଥମିକ ବିଦ୍ୟାଳୟ ରୁ ମଧାହ୍ନ ଭୋଜନ କକ୍ଷ ଖୋଲି ଚାଉଳ ଚୋରି କରି ନେଇ ଛନ୍ତ । ଏନେଇ ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ ଙ୍କୁ ସ୍ଥାନୀୟ ଲୋକେ ବିଦ୍ୟାଳୟ ଖୋଲା ରହିଥିବା ଦେଖି ଖବର ଦେଥିଲେ । ଖବର ପାଇ ବିଦ୍ୟାଳୟ ପରିସର କୁ ସହକାରୀ ଶିକ୍ଷୟତ୍ରୀ ପହଞ୍ଚି ବିଦ୍ୟାଳୟ ଭିତର କୁ ଯାଇ ଦେଖନ୍ତି । ମଧାହ୍ନ ଭୋଜନ କକ୍ଷ ରୁ ଚାଉଳ ବିଞ୍ଚା ଯାଇଥିବା ସହ ଅନ୍ୟ ଜିନିଷ ଗୁଡିକ ଏପଟ ସେପଟ ହୋଇ ପଡି ରହି ଛି । ଏନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କୁ ଓ ବିଦ୍ୟାଳୟ କମିଟି ଙ୍କ ମିଳିତ ଉପସ୍ଥିତି ରେ ଏକ ବୈଠକ କରାଯାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି । ଏହି ଚୋରୀ ରେ ବିଦ୍ୟାଳୟ ର ମଧାହ୍ନ ଭୋଜନ ଚାଉଳ ଚୋରି ହେବା ସହ ଅନ୍ୟ ପଟେ ବିଦ୍ୟାଳୟ କାଗଜ ପତ୍ର ଗୁଡ଼ିକ ସୁରକ୍ଷିତ ରହିଥିବା ଜଣାପଡି ଛି ।

## ୫୦୦ ଗ୍ରାମ ବ୍ରାଉନ୍ସୁଗାର ଜବତ, ୩ ଗିରଫ

ଖୋର୍ଦ୍ଧା: ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନ କୁହୁଡ଼ି ବେଣିପଥର ରାସ୍ତାରେ ଚାଉ କରି ପୁଲିସ ୫ଶହ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି । ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ପ୍ରାୟ ୩୦ ଗ୍ରାମ ସୁନା ଅଳଙ୍କାର ଜବତ କରିଛି । ଆଜି ଏନେଇ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନାନୁସାରେ, ଏସ୍ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶାନୁସାରେ ତାଙ୍କରି ତତ୍ତ୍ୱାବଧାନରେ ଟାଙ୍ଗୀ ଥାନା ଆଇଆଇସି ଆର୍କେ ଭୁଜବଳ, ଏଏସ୍ଆଇ ବସନ୍ତ ବେହେରା, କନଷ୍ଟେବଲ ପ୍ରଭଞ୍ଜନ ବେହେରା, ଓଏପିଏମ୍ ସନାତନ ପ୍ରଧାନଙ୍କୁ ନେଇ ଏକ ଟିମ୍ କୁହୁଡ଼ି ତାଳଗଡ଼ ନିକଟରେ ଛକି ରହିଥିଲେ ।

## ଆସିକା ହୁମୁକି ଗ୍ରାମରେ ଅଷ୍ଟଦିବସୀୟ ବିଶ୍ୱ ଶାନ୍ତି ବାସୁଦେବ ମହାଯଂଜ୍ଞ ଆରମ୍ଭ

ଆସିକା(ମହାଭାରତ): ଆସିକା ବ୍ଲକ ଖାରିଆ ପଞ୍ଚାୟତ ହୁମୁକି ଗ୍ରାମ ମଧ ଭାଗରେ ଅଷ୍ଟ ଦିନ ବ୍ୟାପି ବିଶ୍ୱ ଶାନ୍ତି ବାସୁଦେବ ମହାଯଂଜ୍ଞ ଆରମ୍ଭ ହୋଇ ଯାଇଛି । ଆଜି ଯଜ୍ଞ ମୁଖ୍ୟ ପୂଜକ ପ୍ରମୋଦ କୁମାର ତ୍ରିପାଠୀଙ୍କ ଦ୍ୱାରା ପୁଣ୍ୟତୋୟା ଋଷିକୂଲ୍ୟା ନଦୀ ବୁଢ଼ ତୋଟାରୁ ଗଙ୍ଗା ଆବାହନ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ । ଶତାଧିକ ମହିଳା ନୂତନ ହରିଦ୍ରା ବସ୍ତ୍ର ପରିଧାନ କରି ମୁଣ୍ଡରେ ପୂର୍ଣ୍ଣ କଳସ ଧରି ବିଭିନ୍ନ ବାଦ୍ୟ ବାଜଣା ରେ ବରଗାଁ, କଲେଜ ଛକ ହୋଇ ଗ୍ରାମ ପରିକ୍ରମା ପରେ ନାମ ମନ୍ଦିର, ଯଂଜ୍ଞସାଲା ରେ ଅଭିମନ୍ତ୍ରିତ ଜଳ କୁ ସ୍ଥାପନ କରିଥିଲେ କ୍ଷ ଜଗତର ଗୋ ସମ୍ପଦ ରକ୍ଷା, କୃଷି ର ଉନ୍ନତି, ପ୍ରାକୃତିକ ବିପର୍ଯ୍ୟୟ ରୁ ରକ୍ଷା ନିମନ୍ତେ, ରୋଗ ମୁକ୍ତ ଗ୍ରାମ ନିମନ୍ତେ ଏଭଳି ଯଂଜ୍ଞ ଆୟୋଜିତ କରାଯାଇଛି । ପାଖାପାଖି ୭୦ ଖଣ୍ଡର ଶ୍ରଦ୍ଧାଳୁ ମାନେ ଏହି ଯଂଜ୍ଞ ରେ ଗୁଣ୍ଡିଚ ମୂଷା ଭଳି ଲାଗି ପଡିଛନ୍ତି । ପୋଲିସ, ବ୍ୟାଙ୍କ, ସ୍ୱାସ୍ଥ୍ୟ, ବ୍ଲକ, ତାହସିଲ,ପକ୍ଷରୁ ସହଯୋଗ ମିଳୁଛି । ଏହି ଯଂଜ୍ଞରେ ମୁଖ୍ୟ କର୍ତ୍ତା ପ୍ରମୋଦ ଚନ୍ଦ୍ର ପଣ୍ଡା,ଗ୍ରାମ ସଭାପତି ତଥା ଯଜ୍ଞ ପରିଚାଳନା କମିଟି ସଭାପତି ବିଜୟ ଚନ୍ଦ୍ର ଗୌଡ଼, ଯଜ୍ଞ କମିଟି ସମ୍ପାଦକ ସନ୍ତୋଷ କୁମାର ପୋଲାଇ, ସ୍ୱେଚ୍ଛାସେବୀ ସରୋଜ କୁମାର ପଣ୍ଡା,ରାଧାକୃଷ୍ଣ ପଣ୍ଡା ଙ୍କ ସମେତ ଶତାଧିକ ସ୍ୱେଚ୍ଛାସେବୀ ସମ୍ପୂର୍ଣ୍ଣ ଗ୍ରାମବାସୀ ସହଯୋଗରେ ଏହି ଯଜ୍ଞ ଆରମ୍ଭ ହୋଇଛି । ଆସନ୍ତା ୧ ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାଲୁ ଥିବା ବିଶ୍ୱଶାନ୍ତି ମହାଯଂଜ୍ଞ ନିମନ୍ତେ ନାମ ମଣ୍ଡପ, ଯଂଜ୍ଞ ସାଲା,ଗୋ ଯଂଜ୍ଞ ସ୍ଥାନ ନିରୂପଣ,କରି କାର୍ଯ୍ୟାରମ୍ଭ ହୋଇଛି । ବିଶ୍ୱଶାନ୍ତି ମହାଯଂଜ୍ଞ ରେ ଜ୍ଞାନ ଯଂଜ୍ଞଅନୁଷ୍ଠିତ ହେବ ଯଜ୍ଞ ସକାଶେ ନିମନ୍ତେ ରାସ୍ତା, ଆଲୋକ, ମିନା ବଜାର, ରାମ ଦୋଳି ଇତ୍ୟାଦି ଆନୁସଙ୍ଗିକ ବ୍ୟବସ୍ତା ନିମନ୍ତେ ସୁବିଧା ହୋଇଛି । ପ୍ରତିଦିନ ଅନ୍ନ ଯଂଜ୍ଞର ମଧ ବ୍ୟବସ୍ଥା ।

## ପତ୍ନୀଙ୍କୁ କାଠଫାଳିଆରେ ପିଟି ହତ୍ୟା

ଓଡ଼ଗାଁ: ଦିନରେ ହୋଇଥିଲା ଚିକେନ୍ ତରକାରି । ରାତିରେ ଆଣିଥିଲେ କଇଁଛ । ତାକୁ କାଟି ମାଂସ ରାନ୍ଧିବାକୁ ରାଜି ହେଲେନି ବୋଲି ପତ୍ନୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଛି ନିଶାସକ୍ତ ସ୍ୱାମୀ । ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କୋମଣ୍ଡ ହରିଜନସାହିରେ । ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ପୁଲିସ ।ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଜଲୁ ନାୟକ (୩୦) ନିଶାସକ୍ତ ଅବସ୍ଥାରେ ଏକ କଇଁଛ ଧରି ଘରକୁ ଆସିଥିଲା । ତାକୁ କାଟି ରୋଷେଇ କରିବାକୁ ସ୍ତ୍ରୀ ମାମା ନାୟକଙ୍କୁ କହିଥିଲା । ଦିନ ବେଳା ଘରେ ଚିକେନ୍ ହୋଇଥିବାରୁ ରାତିରେ ଆଉ ଆମିଷ ରୋଷେଇ କରିବେ ନାହିଁ ବୋଲି ମାମା ମନା କରିଦେଇଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ଜଲୁ ଏକ କାଠଫାଳିଆରେ ମାମାଙ୍କ ମୁଣ୍ଡକୁ ଶକ୍ତ ପାହାର ପକାଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଘଟଣାସ୍ଥଳରେ ପଡ଼ି ଯାଇଥିଲେ । ରାତିରେ ବର୍ଷା ହେଉଥିବାରୁ ଘଟଣା ସଂପର୍କରେ କେହି କିଛି ଜାଣିପାରି ନଥିଲେ । ଆଜି ସକାଳୁ ଜଲୁଙ୍କ ବାପା, ମା’ ଏ ସଂପର୍କରେ ଜାଣିବା ପରେ ମାମାଙ୍କୁ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଖବରପାଇ ମାମାଙ୍କ ବାପା ସିଙ୍ଗାରପଲ୍ଲୀ ପଞ୍ଚାୟତ ବନ୍ତଳା ଗ୍ରାମର ବିପିନ ନାୟକ ଓଡ଼ଗାଁ ଥାନାରେ ପହଞ୍ଚି ଝିଅ ମାମାକୁ ତା’ ସ୍ୱାମୀ ମାରି ଦେଇଥିବା ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଜଲୁକୁ ଧରିବା ପାଇଁ ସବୁଆଡ଼େ ଚଢ଼ଉ କରିଥିଲା । ପୁଲିସ ତାକୁ ଫୋନ୍ କରିବା ପରେ ସେ ଜାଣି ନପାରି ଉଠାଇ ଦେଇଥିଲା । ପୁଲିସ ସେହି ଫୋନକୁ ଟ୍ରାକ୍ କରି କୁରାଳ-ପାଣ୍ଡେରିପଡ଼ା ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ ଜଲୁକୁ ମାଡ଼ି ବସିଥିଲା । ଜଲୁକୁ ଜେରା କରିବାରୁ ସବୁ ସତ ମାନି ଯାଇଥିଲା ।

## ବରିଷ୍ଠ ରାଜସ୍ୱ ସହାୟକ ନିରଞ୍ଜନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନୂଆଗାଁ (ମହାଭାରତ ) : ନୂଆଗାଁ ତହସିଲର ବରିଷ୍ଠ ରାଜସ୍ୱ ସହାୟକ ନିରଞ୍ଜନ ସାଥୁଆ ଦୀର୍ଘ ସେବା ପରେ ଅବସର ଗ୍ରହଣ କରିଛନ୍ତି । ସେ ୧୯୯୨ ମସିହାରେ ନୟାଗଡ଼ ତହସିଲରୁ ନିଜ ସରକାରୀ କାର୍ଯ୍ୟଜୀବନ ଆରମ୍ଭ କରିଥିଲେୟ ପରେ ସେ ନୟାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ନୂଆଗାଁ ବ୍ଲକରେ କାର୍ଯ୍ୟରତ ରହି ସରକାରୀ ସେବାକୁ ସୁଚାରୁ ଭାବେ ପାଳନ କରିଥିଲେ । ତାଙ୍କ ଅବସର ଅବସରରେ ନୂଆଗାଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ, ସୁପରଭାଇଜର ପ୍ରମୋଦ କୁମାର ବେହେରା ଓ ଅନ୍ୟାନ୍ୟ ରାଜସ୍ୱ ନିରୀକ୍ଷକ ସହିତ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନେ ନିରଞ୍ଜନ ସାଥୁଆଙ୍କର କାର୍ଯ୍ୟନିଷ୍ଠା, ସରଳତା ଓ ଦୀର୍ଘଦିନର ସେବାକୁ ସ୍ମରଣ କରି ସେମାନଙ୍କୁ ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ତହସିଲ ଅଫିସ୍ ତରଫରୁ ଉପ ଢୋକନ୍ ଓ ଫୁଲ ତୋଡା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦ୍ୱିତୀୟ ଦିନରେ ଗାନ୍ଧୀ ପଥେ ନ୍ୟାୟ ଯାତ୍ରା

### ଏରସମାରେ କଂଗ୍ରେସର ପଥପ୍ରାନ୍ତ ସଭା

ଏରସମା (ମହାଭାରତ): ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏରସମା ବ୍ଲକର ଜିନ୍ଦଲ ପ୍ରକଳ୍ପର ମନମାନୀ ବିରୁଦ୍ଧରେ ଗତ ୬ତାରିଖରୁ ଢ଼ିଙ୍କିଆରୁ ଆରମ୍ଭ ହୋଇଥିବା ଗାନ୍ଧୀ ପଥେ ନ୍ୟାୟ ଯାତ୍ରା ଗୁରୁବାର ଦିନ ଏରସମାରେ ପହଞ୍ଚିଥିବା ଦେଖାଯାଇଛି । ପିସିସି ଉପସଭାପତି ଡ଼ା ଲଲାଟେନ୍ଦୁ ମହାପାତ୍ରଙ୍କ ନେତୃତ୍ୱରେ ବାଲିତୁଠ ରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଦିନର ପଦଯାତ୍ରା ଏରସମାରେ ପହଞ୍ଚିବା ପରେ ହଜାର ହଜାର କଂଗ୍ରେସ କର୍ମୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କଂଗ୍ରେସ କର୍ମୀ ମାନେ ବାଲିତୁଠ,ଚଟୁଆ,ବଳେଇପୁର,ନୂଆଡିହି ,ଜପା ,ପଲ୍ଲି କଣ୍ଟା ପ୍ରଭୃତି ପଞ୍ଚାୟତ ଅତିକ୍ରମ କରି ଗୁରୁବାର ସଂଧ୍ୟାରେ ଏରସମାରେ ପହଞ୍ଚିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଏରସମା ଗାନ୍ଧୀ ଛକ ଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପିସିସି ଉପସଭାପତି ଡ଼ା ମହାପାତ୍ର ଜିନ୍ଦଲ କମ୍ପାନୀ





କିପରି ସାଧାରଣ ଲୋକଙ୍କ ମୌଳିକ ଦାବିକୁ ଭ୍ରୂକ୍ଷେପ ନକରି ଜଙ୍ଗଲ,ଜମି ,ପାଣିକୁ ଲୁଟ୍ କରୁଛି ସେ ସଂପର୍କରେ ବକ୍ତବ୍ୟ ରଖିଥିଲେୟ ଏଥିରେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତଙ୍କ ପୁତ୍ର ସିଦ୍ଧାର୍ଥ ରାଉତରାୟ, କଂଗ୍ରେସ ଯୁବ ନେତା ନଳିନୀ କୁମାର ସ୍ୱାଇଁ, ମହିଳା କଂଗ୍ରେସ ନେତ୍ରୀ ଦିପ୍ତିରାଣୀ ପ୍ରଧାନ,ଜିଲ୍ଲା କଂଗ୍ରେସ ଉପସଭାପତି ବାବୁଲି ସ୍ୱାଇଁ, ଧ୍ୱଜରାଜ ଖଣ୍ଡୁଆଳ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ, ପର୍ଯ୍ୟବେକ୍ଷକ ଅଶ୍ୱିନୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ । ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇଥିଲେୟ ସୂଚନା ଅନୁଯାୟୀ ଗୁରୁବାର ଦିନ କଂଗ୍ରେସ ନେତା ,କର୍ମୀ ମାନେ ଏରସମାରେ ରାତ୍ରୀ ରହଣି ପରେ ଶୁକ୍ରବାର ଦିନ ପୁନରାୟ ଶୋଭାଯାତ୍ରାରେ ବାହାରିବେ । ଏହି ଶୋଭାଯାତ୍ରା ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ।

## ବାରଣ୍ଡାରେ ଶୋଇଥିବା ଯୁବକଙ୍କୁ ହତ୍ୟା

ବ୍ରଜରାଜନଗର: ଘର ବାରଣ୍ଡାରେ ଶୋଇଥିବା ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି । ମୃତକ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ସୁଲଦିଆ ଲାଲୁମୁଣ୍ଡାର ପ୍ରଦୀପ ଭୋଇ (୨୫) । ଏହି ଘଟଣାରେ ଅଭିଯୁକ୍ତ ନୀଳମଣି ଭୋଇ (୫୫)କୁ ପୁଲିସ ଗିରଫ କରିଛି । ପୁଲିସର ସୂଚନା ଅନୁଯାୟୀ, ଉତ୍ତମ ଭୋଇ ଓ ନୀଳମଣି ଭୋଇ ପଡ଼ୋଶୀ ଅଟନ୍ତି । ନୀଳମଣିର ସାନପୁଅ ବିଜୁ ସହିତ ଉତ୍ତମଙ୍କ ଘନିଷ୍ଠତା ଥିଲା । ପ୍ରାୟ ୫ ମାସ ତଳେ ନୀଳମଣି ତା’ର ପୁଅ ବିଜୁଙ୍କ ଜୀବନଶୈଳୀ ସମ୍ପର୍କରେ ଉତ୍ତମଙ୍କୁ ଦାୟୀ କରି ଧମକ ଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଉତ୍ତମ ପ୍ରାୟ ନିଜ ଘର ବାହାର ପିଣ୍ଡାରେ ଶୋଉଥିବା ଦେଖି ତାଙ୍କୁ ହତ୍ୟା କରିବାକୁ ସୁଯୋଗ ଖୋଜୁଥିଲା ନୀଳମଣି ।

## ମହେନ୍ଦ୍ରଗିରିରେ ମହେନ୍ଦ୍ର ମେଳା ପାଇଁ ସରକାରଙ୍କ ପ୍ରସ୍ତୁତି ଜୋରଦାର



ଗଜପତି(ମହାଭାରତ): ପୁରାଣ ପ୍ରସିଦ୍ଧ ତଥା ଓଡିଶାର ହିମାଳୟ ମହେନ୍ଦ୍ରଗିରି ଠାରେ ମହେନ୍ଦ୍ରମେଳାକୁ ମହାସମାରୋହରେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ହାତକୁ ନିଆ ଯାଇଛି । ଆସନ୍ତା ଜୁନ୍ ୨ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ମହେନ୍ଦ୍ର ମେଳା ଅନୁଷ୍ଠିତ ହେବା ସପ୍ତାହବ୍ୟାପୀ ଏହି ଆଧାତ୍ମିକ ମେଳା ଆୟୋଜନ ହେବାକୁ ଯାଉଥିବା ବେଳେ ଏହାର ସୁପରିଚାଳନା ରାଜ୍ୟ ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମହେନ୍ଦ୍ରଗିରିରେ ମେଳାର ପ୍ରସ୍ତୁତି ତଦାରଖ କରିଛନ୍ତି ସପ୍ତାହବ୍ୟାପୀ ହେବାକୁ ଥିବା ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ବହୁ ବିଶିଷ୍ଟ ସାଧୁସଂଙ୍କ ସମାଗମ ହେବ. ଏଥିସହ କଳସଯାତ୍ରା, ମହାଯଜ୍ଞ, ଅନ୍ନଯଜ୍ଞ ଏବଂ ଅହୋରାତ୍ର ନାମ ସଙ୍କୀର୍ତନ ଭଳି ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ. ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇ ଏହାର ସଫଳତା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛ । ଏହି ଉଦେଶ୍ୟରେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନେତୃତ୍ୱରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ କାମଦେବ ବଡ଼ନାୟକ, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ରାୟଗଡ଼ ବ୍ଲକ୍ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନି ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗଞ୍ଜାମ ସହ ବିଭାଗ କାର୍ଯ୍ୟବାହ ଜୁରିଆ ଜାନିଙ୍କ ସମେତ ବିଭିନ୍ନ ସଂଗଠନ, ସାମାଜିକକର୍ମୀ, ବିଜେପି ନେତା ଓ କର୍ମୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ରହି ମହେନ୍ଦ୍ରଗିରିରେ ମହେନ୍ଦ୍ରମେଳାକୁ ଶତ ପ୍ରତିଶତ ସଫଳ କରିବା ପାଇଁ ଆଲୋଚନା କରିଥିଲେ ।

## ୪୨ ଗାଁରେ ଜଟିଳ ହେଲାଣି ସୀମା ବିବାଦ


### ନୌକାଘାଟ ବିଶ୍ରାମସ୍ଥଳ ଭାଙ୍ଗିଦେଲେ ପଶ୍ଚିମବଙ୍ଗବାସୀ

ଜଳେଶ୍ୱର: ଓଡ଼ିଶା-ପଶ୍ଚିମବଙ୍ଗ ସୀମା ବିବାଦର ସମାଧାନ ହେଉନି । ସୀମା ନିର୍ଦ୍ଧାରଣ ହେଉ ନଥିବାରୁ ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଧୀନ ୪୨ଟି ଗାଁରେ ବିବାଦ ଜଟିଳ ରୂପ ନେଉଛି । ବିଶେଷ କରି ବାଲି ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜୁଛି । ସ୍ଥାନୀୟ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଜଳେଶ୍ୱର ତହସିଲ ଅନ୍ତର୍ଗତ ୪୨ଟି ଗାଁର ବିସ୍ତୀର୍ଣ୍ଣ ଅଞ୍ଚଳ ପଶ୍ଚିମବଙ୍ଗ ସୀମାକୁ ଲାଗି ରହିଛି । ସେଥିମଧ୍ୟରୁ ୧୦ଟି ଗାଁ ସୁବର୍ଣ୍ଣରେଖା ନଦୀତଟରେ ଅବସ୍ଥିତୟ ନଦୀ ଉଭୟ ପାର୍ଶ୍ୱରୁ କୂଳଖାଇ ଦିଗ ପରିବର୍ତ୍ତନ କରୁଥିବାରୁ ସୀମାକୁ ନେଇ ଦୁଇ ରାଜ୍ୟର ଅଧିବାସୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଛି । ସୀମା ବିବାଦ ପଛର ମୁଖ୍ୟ



କାରଣ ବାଲି ଉତ୍ତୋଳନ ବୋଲି ଜଣାପଡ଼ିଛି । ଓଲମରା ରାଜସ୍ୱ ମଣ୍ଡଳ ଅଧୀନ ବିଳାସପୁର, ଗୋପାଳପୁର, ମାର୍କିଣ୍ଡ଼ିଆ ଓ କୁଆଁରପୁର ଗାଁ ନିକଟରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଖୁଣ୍ଟ□ ପୋତାଯାଇଛି । କିନ୍ତୁ ଉକ୍ତ ଗାଁଗୁଡ଼ିକର ବହୁ ଅଞ୍ଚଳ ପଶ୍ଚିମବଙ୍ଗ ସରକାର ଏବଂ ସ୍ଥାନୀୟ ଅଧିବାସୀଙ୍କ ଦଖଲରେ ରହିଛି । ଗତ ୪ ତାରିଖ ଅପରାହ୍ଣ ସାଢ଼େ ୫ଟା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଲାମ ଦିଆଯାଇଥିବା ମାର୍କଣ୍ଡିଆ ନୌକାଘାଟର ବିଶ୍ରାମଘରେ ପଶି ପଶ୍ଚିମବଙ୍ଗ ଅଧିବାସୀ ଭଙ୍ଗାରୁଜା କରିବା ସହ ଜାଗା ଛାଡ଼ିବାକୁ ଧମକ ଦେଇଛନ୍ତି ।ଦକ୍ଷିଣ ପ୍ରହରାଜପୁର ଗାଁ ନିକଟରେ ମଧ ଓଡ଼ିଶା ସୀମାରୁ ବେଆଇନ ବାଲି ପରିବହନ ପାଇଁ ପଶ୍ଚିମବଙ୍ଗ ପକ୍ଷରୁ ରାସ୍ତା ଓ ପୋଲ ନିର୍ମାଣ କରାଯାଇଛି । ରାଇବଣିଆ ରାଜସ୍ୱ ମଣ୍ଡଳ ଅଧୀନ ତୋଟାପଡ଼ା, ବେହେରାସାହି ଏବଂ ଦକ୍ଷିଣ ପ୍ରହରାଜପୁର ରାଜସ୍ୱ ମଣ୍ଡଳର ଦକ୍ଷିଣ ପ୍ରହରାଜପୁର, ଗୋବରଘାଟା ରାଜସ୍ୱ ମଣ୍ଡଳର ମକ୍ରମପୁର ଓ ଗୋବରଘାଟା ଆଦି ଗାଁ ନିକଟରେ ଓଡ଼ିଶା-ପଶ୍ଚିମବଙ୍ଗର ସୀମା ନିର୍ଦ୍ଧାରଣ ପାଇଁ କିଛି ମାସ ପୂର୍ବରୁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର୍ (ଓର୍ସାକ୍) ଏବଂ ପଶ୍ଚିମବଙ୍ଗର ରାଜସ୍ୱ ବିଭାଗ ପକ୍ଷରୁ ଜିଓ ରେଫରେନ୍ସ ମାଧ୍ୟମରେ ମାପଚୁପ କରାଯାଇଥିଲାୟ ହେଲେ ଅଦ୍ୟାବଧି ଖୁଣ୍ଟ□ ପୋତାଯାଇ ନାହିଁ । ଏହା ବ୍ୟତୀତ ଗୋବରଘାଟା ରାଜସ୍ୱ ମଣ୍ଡଳ ଅଧୀନ ଦେଉଳା, ସାହାଡ଼ାପଡ଼ା, ଆଖୁଆ, ବେଲି, ଗୋପୀନାଥପୁର, ବରହମପୁର ପାଟଣା, ଜାମଝାଟିଆ ଏବଂ ନାମ୍ପୋ ରାଜସ୍ୱ ମଣ୍ଡଳର ଭୁରୁକୁଣ୍ଡା, ଧାନସିମୁଳିଆ, ସୁଗୋ, ନେତୁଆ, ବେଳବାରିଆ, ଆଡ଼ିଲଗା, କିଆଗଡ଼ିଆରେ ସୀମା ବିବାଦ ଦେଖାଦେଇଛି । ସେହିପରି ଖୁଆଡ଼ ଆରଆଇ ସର୍କଲ୍ ଅଧୀନ କେନ୍ଦୁଖୁଣ୍ଟା, ବେଗୁନିଆ, ଖୁଆଡ଼ ଚନ୍ଦ୍ରପୁର, ଶ୍ୟାମନଗର, ରଙ୍ଗାମାଟିଆ ଏବଂ ଓଲମରା ରାଜସ୍ୱ ମଣ୍ଡଳର ପଳାଶବଣି, ରାଉତରାପୁର, ଶଙ୍ଖାଭଙ୍ଗା, ତଳମଧୁପୁର, ଗୋପୀନାଥପୁର, ନୀଳକଣ୍ଠପୁର, ଘୁଣ୍ଟବଣି, ଗେଙ୍ଗଟାବଣି, ଗୁଜରିଶୋଳ, ମୁଣ୍ଡାକାଟି, ରାଜନଗର ପାଟଣା ଓ ପୀତାମ୍ବରପୁର ଏବଂ ରାଇବଣିଆ ଆରଆଇ ସର୍କଲ୍ ଅଧୀନ ରାଇବଣିଆ ଆଦି ସୀମାନ୍ତ ଗାଁରେ ମଧ ସୀମା ବିବାଦ ଉତ୍କଟ ରୂପ ଧାରଣ କରିଛି । ଉଲ୍ଲେଖଥାଉକି, ଓଡ଼ିଶା-ପଶ୍ଚିମବଙ୍ଗ ସୀମା ନିର୍ଦ୍ଧାରଣ ପାଇଁ ପ୍ରାୟ ବର୍ଷକ ତଳେ ବାଲେଶ୍ୱର ଜିଲ୍ଲା ପ୍ରଶାସନକୁ ରାଜସ୍ୱ ବିଭାଗ ପକ୍ଷରୁ ଚିଠି ଲେଖାଯାଇଥିଲା । ହେଲେ ତାହା ଫାଇଲ୍ ଭିତରେ ରହିଯାଇଛି ।

# ଡେଟିଂ ଆପ୍ ମାଧ୍ୟମରେ ଟାର୍ଗେଟ କରୁଛନ୍ତି ପାକିସ୍ତାନୀ ଗୁଇନ୍ଦା



ନୂଆଦିଲ୍ଲୀ: ପହଲଗାମ ଆକ୍ରମଣ ପରେ ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାକିସ୍ତାନ ଆତଙ୍କିତ। ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଏବେ ଭାରତକୁ କ୍ଷତି ପହଞ୍ଚାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ଏକ ନୂତନ ପଦ୍ଧତି ଆପଣାଇଛି। ପୂର୍ବତନ ର' ଏଜେଣ୍ଟ ଲକି ବିଷ୍ଟ ଆଇଏସ୍ଆଇର ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛନ୍ତି ଏବଂ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଲକି ବିଷ୍ଟ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ଦାବି କରିଛନ୍ତି ଯେ, ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଭାରତ ବିଷୟରେ ଗୁଇନ୍ଦା ସୂଚନା ବାହାର କରିବା ପାଇଁ ଡେଟିଂ ଆପ୍ ମାଧ୍ୟମରେ ଲୋକଙ୍କୁ ହନି ଟ୍ରାପ୍ କରୁଛି। ଡେଟିଂ ଆପ୍ ମାଧ୍ୟମରେ ଲୋକଙ୍କୁ ଫସାଉଛି ଆଇଏସଆଇ। ଭିଡିଓଟି ସେୟାର କରି ସେ କହିଛନ୍ତି,ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଆଇଏସ୍ଆଇ, ଫସାଇବାର ଏକ ନୂଆ ପଦ୍ଧତି ଆପଣେଇଛି। ଅନେକ ଲୋକ ଡେଟିଂ ଆପ୍ ମାଧ୍ୟମରେ ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରିଥାନ୍ତି। ସେମାନେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରି ସୂଚନା ସଂଗ୍ରହ କରନ୍ତି। ଏହି ସମସ୍ତ ସୂଚନା ଶତ୍ରୁ ପାକିସ୍ତାନ କିମ୍ବା ଅନ୍ୟ ଦେଶମାନଙ୍କ ପାଖକୁ ଯାଉଛି। ସେ ଜନସାଧାରଣଙ୍କୁ ଏଭଳି ଲୋକମାନଙ୍କଠାରୁ ଦୂରେଇ ରହିବାକୁ ନିବେଦନ କରିଛନ୍ତି। ପୂର୍ବରୁ, ଏକ ପୋଷ୍ଟରେ, ଲକି ବିଷ୍ଟ ଦାବି କରିଥିଲେ, ଆଇଏସ୍ଆଇ ଭାରତୀୟ ଏବଂ ବେଲୁଚ୍ ଲୋକଙ୍କ ସହିତ ଜଡିତ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକ ଉପରେ ୨୪ ଘଣ୍ଟା ନଜର ରଖୁଛି। ସେ କହିଛନ୍ତି, ମେ' ୨୦୨୫ରେ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ସେନାର ଭୟ ସମସ୍ତେ ଦେଖିଛନ୍ତି। ଯେତେବେଳେ ଡିଜି ଆଇଏସ୍‌ପିଆର୍ ଅହମ୍ମଦ ସରିଫ ଚୌଧୁରୀ ମୀର ୟାର ବାଲୋଚ୍ ଭଳି ଆକାଉଣ୍ଟର ତାଲିକା ସହିତ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ପରିସ୍ଥିତି ଏପରି ହୋଇଛି ଯେ, ଆଇଏସ୍ଆଇର 'ଡିଜି ଟେକ୍ନିକାଲ୍' ଏବଂ ଆଇଏସ୍‌ପିଆର୍‌ର 'ବ୍ରାଭୋ ଡିଭିଜନ୍' ୨୪ ଘଣ୍ଟା ଭାରତୀୟ ଏବଂ ବାଲୁଚ୍ ଆକାଉଣ୍ଟ ଉପରେ ଗୁପ୍ତଚରୀ କରୁଛନ୍ତି ଯାହା ପାକିସ୍ତାନର ବାସ୍ତବତାକୁ ବିଶ୍ୱ ସମ୍ମୁଖରେ ପ୍ରକାଶ କରୁଛି। ଏହା ସେମାନଙ୍କର ହ୍ରାସ ପାଉଥିବା ମନୋବଳ ଏବଂ ଭୟର ସ୍ପଷ୍ଟ ପ୍ରମାଣ ବୋଲି ସେ କହିଛନ୍ତି।

# ୯ ଯାତ୍ରୀଙ୍କୁ ନେଇ ଯାଉଥିବା ଡଙ୍ଗା ଦୁର୍ଘଟଣାଗ୍ରସ୍ତ ମହିଳା ଓ ଶିଶୁ ମୃତ, ୫ ନିଖୋଜ



ହମିରପୁର: ଉତ୍ତର ପ୍ରଦେଶର ହମିରପୁର ଜିଲ୍ଲାରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଡଙ୍ଗା ବୁଡ଼ି ଦୁର୍ଘଟଣା ଘଟିଯାଇଛି। କୁରାରା ଥାନା ଅନ୍ତର୍ଗତ କୁତୁବପୁର ଗ୍ରାମ ନିକଟରେ ଯମୁନା ନଦୀରେ ୯ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଓଲଟି ପଡ଼ିବାରୁ ଏପର୍ଯ୍ୟନ୍ତ ଜଣେ ମହିଳାଙ୍କ ସମେତ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ଦୁଇ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ନିଖୋଜମାନଙ୍କୁ ଖୋଜାଖୋଜି ଜାରି ରହିଛି। ପ୍ରବଳ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ପ୍ରଶାସନିକ ସୂତ୍ରରୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ଦେଶରାଜ ନିଷାଦଙ୍କ ଘରେ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଆସିଥିବା ବିଷ୍ଣୁ ନିଷାଦ, ତାଙ୍କ ପତ୍ନୀ ଓ ୭ ଜଣ ପିଲାଙ୍କ ସହ ନଦୀ ପାର୍ ହୋଇ ଯାଉଥିଲେ। ଏହି ସମୟରେ ନଦୀର ମଝି ଭାଗରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ବିଷ୍ଣୁ ନିଷାଦ ଓ ଜଣେ ଶିଶୁ ପହଁରି କୂଳକୁ ଆସିଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅନ୍ୟ ଜଣେ ଶିଶୁକୁ ଉଦ୍ଧାର କରିଥିଲେ। ତେବେ ବାକି ୬ ଜଣ ନଦୀ ସ୍ରୋତରେ ଭାସି ଯାଇଥିଲେ। ଘଟଣାସ୍ଥଳରେ ଜିଲ୍ଲା ମାଜିଷ୍ଟ୍ରେଟ ଅଭିଷେକ ଗୋୟଲଙ୍କ ସମେତ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଡ଼ାଳିଙ୍କ ସାହାଯ୍ୟରେ ତଲାସୀ ଅଭିଯାନ ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଦୁଇଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ନିଖୋଜ ଥିବା ଅନ୍ୟ ଚାରିଜଣ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି।

# ୧୩ରାଜ୍ୟରେ ବଜ୍ରପାତ, ବର୍ଷା ନେଇ ସତର୍କତା ଜାରି

ନୂଆଦିଲ୍ଲୀ: ଉତ୍ତର ପ୍ରଦେଶ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀ ସମେତ ଅନେକ ରାଜ୍ୟରେ ବର୍ଷା ଏବଂ ଝଡ଼ବର୍ଷା ହେଉଛି। ଭାରତୀୟ ପାଣିପାଗ ବିଭାଗ ଆଗାମୀ କିଛି ଦିନ ପାଇଁ ଦେଶର ବିଭିନ୍ନ ସ୍ଥାନରେ ବର୍ଷା, ଝଡ଼ବର୍ଷା ଏବଂ ବଜ୍ରପାତ ପାଇଁ ସତର୍କତା ଜାରି କରିଛି। ଆଇଏମ୍ ?ଡି ଅନୁଯାୟୀ, ଉତ୍ତର-ପଶ୍ଚିମ ଭାରତରେ ମେ' ୧୦ ରୁ ୧୨ ତାରିଖ ମଧ୍ୟରେ ପାଗରେ ପରିବର୍ତ୍ତନ ହେବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ ରୁ ୬୦ କିଲୋମିଟର ରହିବ। ଆଗାମୀ ଦିନରେ ଉତ୍ତର ପ୍ରଦେଶ, ବିହାର, ପଞ୍ଜାବ, ହରିୟାଣା, ରାଜସ୍ଥାନ ଏବଂ ହିମାଚଳ ପ୍ରଦେଶର କିଛି ସ୍ଥାନରେ ବର୍ଷା ହୋଇପାରେ। କେରଳ, ତାମିଲନାଡୁ ଏବଂ ପୁଡୁଚେରୀରେ ଆଗାମୀ ୬-୭ ଦିନ ପାଇଁ ଝଡ଼ବର୍ଷା ଏବଂ ପ୍ରବଳ ପବନ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ବିହାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନୀତୀଶଙ୍କ ପୁଅ ନିଶାନ୍ତ ହେବେ ମନ୍ତ୍ରୀ




ନୂଆଦିଲ୍ଲୀ: ବିହାରରେ ସମ୍ରାଟ ଚୌଧୁରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ୨୨ ଦିନ ପରେ ଗୁରୁବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହେବାକୁ ଯାଉଛି। ୩୧ ନୂଆ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ। ଏଥିରେ ବିଜେପିରୁ ୧୪ ଓ ଜେଡିୟୁର ୧୩ ବିଧାୟକ ରହିବେ। ଏନ୍‌ଡିଏର ଛୋଟ ସହଯୋଗୀ ଦଳ ଚିରାଗ ପାଶୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ), ଜିତନ ରାମ ମାଞ୍ଝିଙ୍କ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା, ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହେବେ। ତେବେ ଏଥର ମନ୍ତ୍ରିମଣ୍ଡଳର ସବୁଠୁ ଚର୍ଚ୍ଚିତ ଚେହେରା ରହିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର। ନିଶାନ୍ତ ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ସ[illegible] କରିଛନ୍ତି ଓ ଆଜି ହେବାକୁ ଥିବା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଶପଥ ଗ୍ରହଣ କରିବେ। ନିଶାନ୍ତ ପୂର୍ବରୁ ରାଜନୀତି କିମ୍ବା ସରକାରରେ କୌଣସି ଭୂମିକା ଗ୍ରହଣ କରିବାକୁ ଆଗ୍ରହୀ ନଥିଲେ। ଜେଡିୟୁର ଅନ୍ୟମାନଙ୍କ ମଧ୍ୟରେ ରାହୁଲ ରଞ୍ଜନ, ନବୀନ କୁମାର ମଣ୍ଡଳ, ଚେତନ ଆନନ୍ଦ, କୋମଲ ସିଂହ, ଋତୁରାଜ କୁମାର, ଅତିରେକ୍ କୁମାର, ଆଦିତ୍ୟ କୁମାର ଓ ଅଭିଷେକ ଆନନ୍ଦଙ୍କ ନାଁ ମନ୍ତ୍ରିମଣ୍ଡଳରେ ସାମିଲ ହେବାକୁ ନେଇ ଚର୍ଚ୍ଚା ହେଉଛି। ବିଜେପିରୁ ବରିଷ୍ଠ ନେତା ମଙ୍ଗଳ ପାଣ୍ଡେ, ନିରଜ କୁମାର ସିଂହ ବବ୍‌ଲୁ, ବିଜୟ କୁମାର ସିହ୍ନା ଓ ରାମ କୃପାଳ ଯାଦବଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ପାଟନାର ଗାନ୍ଧୀ ମୈଦାନ ଏକ ମେଗା ଇଭେଣ୍ଟରେ ମନ୍ତ୍ରୀମାନେ ପଦ ଓ ଗୋପନୀୟତାର ଶପଥ ନେବେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହ ମନ୍ତ୍ରୀ ଅମିତ ଶାହ ଓ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଧ୍ୟ ସାମିଲ ହେବେ।

# ମେ' ୧୨ରେ ଆସାମରେ ଭବ୍ୟ ଶପଥ ଗ୍ରହଣ ଉତ୍ସବ, କଡ଼ା ସୁରକ୍ଷା ବ୍ୟବସ୍ଥା

କନକ ବ୍ୟୁରୋ : ଆସନ୍ତା ୧୨ ତାରିଖରେ ଆସାମରେ ଶପଥ ଗ୍ରହଣ ଉତ୍ସବ । ପ୍ରଧାନମନ୍ତ୍ରୀଙ୍କ ସହ ସାମିଲ ହେବେ ବିଜେପିର ବରିଷ୍ଠ ନେତା ତଥା ବହୁ କେନ୍ଦ୍ରୀୟ ମନ୍ତ୍ରୀ । ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଏଠାରେ ଉପସ୍ଥିତ ରହିବେ । କେବଳ ରାଜନେତା ନୁହଁନ୍ତି, ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପପତି ଓ ଉଦ୍ୟୋଗ ଜଗତର ପ୍ରତିନିଧିମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରଣ କରାଯାଇଛି । ଆସନ୍ତା ମେ' ୧୨ ତାରିଖରେ ଅନୁଷ୍ଠିତ ହେବ ଏହି ଭବ୍ୟ ଶପଥ ଗ୍ରହଣ ସମାରୋହ । ଗୁଆହାଟୀର ଖାନାପାରାସ୍ଥିତ ଭେଟେନାରୀ ଫିଲ୍ଡରେ ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ପୁଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ ଏହାକୁ ଏକ ବଡ଼ ଧରଣର ଉତ୍ସବ ଭାବେ ପାଳନ କରିବାକୁ ବିଜେପି ଶିବିର ପ୍ରସ୍ତୁତ ରହିଛି । ସେପଟେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୁରକ୍ଷା, ଟ୍ରାଫିକ୍ ପରିଚାଳନା ଏବଂ ପ୍ରୋଟୋକଲ୍ ସମ୍ପର୍କରେ ବିସ୍ତୃତ ଆଲୋଚନା । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ କିଭଳି ଶୃଙ୍ଖଳିତ କରାଯାଇପାରିବ, ସେ ନେଇ ଗୁରୁତ୍ୱ ଦିଆଯାଇଛି ।

# ଆଜି ବିହାର, ପଶ୍ଚିମବଙ୍ଗ ଗସ୍ତ କରିବେ ଶାହ



କୋଲକାତା: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ପାଟନାରେ ନୂତନ ବିହାର କ୍ୟାବିନେଟର ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ। ଏହି ସମାରୋହ ଶେଷ ହେଲା ପରେ ସେ ଅପରାହ୍ନରେ କୋଲକାତାରେ ପହଞ୍ଚିବେ। ବିଜେପିର ବିଧାୟକମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବେ ?ଠକରେ ଯୋଗ ଦେବା ସହିତ ଗୁରୁମନ୍ତ୍ର ଦେବେ। ସୂଚନାଯୋଗ୍ୟ ପଶ୍ଚିମବଙ୍ଗରେ ବିଜେପିକୁ ବହୁମତ ମିଳିବା ପରେ ସରକାର ଗଠନ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଭବାନୀପୁରରେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀଙ୍କୁ ପରାସ୍ତ କରିଥିବା ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ରେ ଆଗୁଆ ଅଛନ୍ତି। ଏଥର ଶୁଭେନ୍ଦୁ ଭବାନୀପୁର ଏବଂ ତାଙ୍କର ପାରମ୍ପରିକ ନନ୍ଦୀଗ୍ରାମ ଆସନ ଦୁଇଟି ଜିତିଛନ୍ତି।

# ଅପରେସନ୍ ସିନ୍ଦୂର କେବଳ ଏକ ସାମରିକ ଅଭିଯାନ ନଥିଲା, ବରଂ ଏକ କୂଟନୈତିକ ଅଭିଯାନ ଥିଲା

ନୂଆଦିଲ୍ଲୀ: ଅପରେସନ୍ ସିନ୍ଦୂର କେବଳ ଏକ ସାମରିକ ଅଭିଯାନ ନଥିଲା, ବରଂ ଏକ କୂଟନୈତିକ ଅଭିଯାନ ମଧ୍ୟ ଥିଲା। ଅପରେସନ୍ ସିନ୍ଦୂର ସମୟରେ ଏବଂ ପରେ ଭାରତୀୟ ବୈଦେଶିକ ନୀତି ଏବଂ କୂଟନୀତି ବିଭିନ୍ନ ସ୍ତରରେ ସକ୍ରିୟ ଭାବରେ ନିୟୋଜିତ ହୋଇଥିଲା। ପହଲଗାମ ଆକ୍ରମଣ ପରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦିଲ୍ଲୀରେ ଥିବା ସମସ୍ତ କୂଟନୀତିକ ମିଶନକୁ ଭାରତର ସ୍ଥିତି ବିଶ୍ୱକୁ ଜଣାଇବା ପାଇଁ ସୂଚନା ଦେଇଥିଲେ। ବିଦେଶୀ କୂଟନୀତିଜ୍ଞମାନଙ୍କୁ ଭାରତର ସ୍ଥିତି ବୁଝାଯାଇଥିଲା। ଏହା ପରେ, ଅପରେସନ୍ ସିନ୍ଦୂର କେଉଁ ପୃଷ୍ଠଭୂମିରେ କରାଯାଇଥିଲା ତାହାର ସୂଚନା ଦିଆଯାଇଥିଲା। ଭାରତ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଏବଂ ଏକ ନୂତନ ସ୍ୱାଭାବିକ ନୀତି ସ୍ଥାପନ କରିବାକୁ ଚେଷ୍ଟା କରିଥିଲା। ଭାରତକୁ ବିଶ୍ୱକୁ ବୁଝାଇବାକୁ ପଡିଥିଲା ଯେ, ଏହି ଅପରେସନ କାହିଁକି ଆବଶ୍ୟକ ଥିଲା। ସାତଟି ସର୍ବଦଳୀୟ ପ୍ରତିନିଧି ଦଳକୁ ୩୩ଟି ଦେଶ ଗସ୍ତ କରିବାକୁ ପଠାଯାଇଥିଲା। ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ସମେତ ସମସ୍ତ ଦଳର ରାଜନେତା ସାମିଲ ଥିଲେ। ସେମାନେ ନିଷ୍ପତ୍ତି ପଛରେ ଜାତୀୟ ରାଜନୈତିକ ସହମତି ପ୍ରକାଶ କରିଥିଲେ ଏବଂ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ଉପରେ ଭାରତର ସ୍ଥିତି ସ୍ପଷ୍ଟ କରିଥିଲେ। ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନର ପର୍ଦ୍ଦାଫାସ ହୋଇଥିଲା। ଭାରତର କୂଟନୈତିକ ପ୍ରୟାସ ଫଳରେ ଜୁଲାଇ ୨୦୨୫ରେ ଜାତିସଂଘ ସୁରକ୍ଷା ପରିଷଦର ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେଉଁଥିରେ ପହଲଗାମରେ ହୋଇଥିବା ଆକ୍ରମଣ ପାଇଁ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ'(ଟିଆର୍‌ଏଫ୍)କୁ ଦାୟୀ କରାଯାଇଥିଲା। ଏହା ପୂର୍ବରୁ, ଆମେରିକା ମଧ୍ୟ ୧୮ ଜୁଲାଇ ୨୦୨୫ରେ ଏହାକୁ ଏକ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା। ପାକିସ୍ତାନ ଜାତିସଂଘ ସୁରକ୍ଷା ପରିଷଦରେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲା କିନ୍ତୁ ବିଫଳ ହୋଇଥିଲା। ଭାରତ ନିଜର କୂଟନୈତିକ ଆଭିମୁଖ୍ୟକୁ ଅଧିକ ତୀକ୍ଷ୍ଣ କରିଥିଲା, ଏହାକୁ ଅଧିକ ଆକ୍ରମଣାତ୍ମକ ଏବଂ ଶାଣିତ କରିଥିଲା। ପାକିସ୍ତାନ ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ତାକୁ ଅଲଗା କରିବାକୁ ଚେଷ୍ଟା କରିଥିଲା।

# ୯୬ ଘଣ୍ଟାର ସଂଘର୍ଷରୁ ଶିଖିଲା ଭାରତ: ବଦଳାଇଛି ସାମରିକ ରଣନୀତି




ନୂଆଦିଲ୍ଲୀ: ଅପରେସନ୍ ସିନ୍ଦୂର ପରଠାରୁ, ଭାରତୀୟ ସାମରିକ ବାହିନୀରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଅପରେସନ୍ ସିନ୍ଦୂରରୁ ଅନେକ ଶିକ୍ଷା ଗ୍ରହଣ କରାଯାଇଛି ଏବଂ କାର୍ଯ୍ୟକାରୀ କରାଯାଇଛି। ଭାରତୀୟ ସେନାରେ ଗୁରୁତ୍ୱପୂର୍ଣ୍ଣ ସାଂରଚନିକ ପରିବର୍ତ୍ତନ ଆସିଛି, ଯେତେବେଳେ ବାୟୁସେନା ବିଭିନ୍ନ ପ୍ଲାଟଫର୍ମର ଦ୍ରୁତ ପ୍ରବେଶ ଉପରେ ଗୁରୁତ୍ୱ ଦେଇଛି। ସେବେଠାରୁ, ଭାରତୀୟ ନୌସେନା ନଅଟି ନୂତନ ଯୁଦ୍ଧଜାହାଜକୁ କାର୍ଯ୍ୟକ୍ଷମ କରିଛି। ଆଉ ପାଞ୍ଚଟି ଶୀଘ୍ର ନୌସେନାରେ ସାମିଲ କରାଯିବ। ଅପରେସନ ସିନ୍ଦୂର ପରେ, ଭାରତୀୟ ସେନା, ବାୟୁସେନା ଏବଂ ନୌସେନାରେ ବଡ଼ ପରିବର୍ତ୍ତନ ଆସିଛି। ସେନା ଭୈରବ ବାଟାଲିଅନ୍, ରୁଦ୍ର ବ୍ରିଗେଡ୍ ଏବଂ ଅଗ୍ନି ଡ୍ରୋନ୍ ପ୍ଲାଟୁନ୍ ଭଳି ନୂତନ ୟୁନିଟ୍ ସୃଷ୍ଟି କରିଛି। ଡ୍ରୋନ୍, ଲାଇଟ୍ରିଂ ଯୁଦ୍ଧାସ୍ତ୍ର ଏବଂ ଲେଜର-ଗାଇଡେଡ୍ ଅସ୍ତ୍ରଶସ୍ତ୍ର ସାମିଲ କରାଯାଇଛି। ବାୟୁସେନା ରାଫେଲ୍ ଏବଂ ଏସ୍-୪୦୦ ଉପରେ ଗୁରୁତ୍ୱପ୍ରଦାନ କରିଛି। ଆକାଶତୀର ପ୍ରଣାଳୀ ଏବଂ ଉପଗ୍ରହ ନିରୀକ୍ଷଣ କ୍ଷମତାକୁ ମଧ୍ୟ ସୁଦୃଢ଼ କରାଯାଇଛି। ଗତ ବର୍ଷକ ମଧ୍ୟରେ, ଯୁଦ୍ଧର ପରିବର୍ତ୍ତିତ ପ୍ରକୃତି ସହିତ ଖାପ ଖୁଆଇବା ପାଇଁ ସେନା ଅନେକ ପଦକ୍ଷେପ ନେଇଛି। ସେନା ନୂତନ ୟୁନିଟ୍ ଏବଂ ଗଠନ ସୃଷ୍ଟି କରିଛି। ଏହି ପରିବର୍ତ୍ତନଗୁଡ଼ିକ ଏହି ବୁଝାମଣା ଦ୍ୱାରା ପରିଚାଳିତ ଯେ ଭବିଷ୍ୟତର ଯୁଦ୍ଧ କେବଳ ପାରମ୍ପରିକ ହେବ ନାହିଁ, ବରଂ ଏଥିରେ ଡ୍ରୋନ୍, ସଠିକ୍ ଆକ୍ରମଣ, ଇଲେକ୍ଟ୍ରୋନିକ୍ ଯୁଦ୍ଧ ଏବଂ ବାସ୍ତବ-ସମୟ ସୂଚନା ମଧ୍ୟ ସାମିଲ ହେବ।ଗତ ବର୍ଷକ ମଧ୍ୟରେ, ସେନା ଏହାର ସଠିକ୍ ଆକ୍ରମଣ କ୍ଷମତାକୁ ଯଥେଷ୍ଟ ସୁଦୃଢ କରିଛି। ଲାଇଟରିଂ ଯୁଦ୍ଧାସ୍ତ୍ର ଉଡ଼ିବୁଲୁଥିବା ଡ୍ରୋନ୍ ସାମିଲ ଯାଇଛି। ଯାହା ଦୀର୍ଘ ଦୂରତା ଉଡ଼ି ଲକ୍ଷ୍ୟସ୍ଥଳକୁ ଟ୍ରାକ୍ କରିପାରିବ ଏବଂ ସମୟାନୁସାରେ ଆକ୍ରମଣ କରିପାରିବ। କାମେକାଜେ ଡ୍ରୋନ୍ ଏବଂ ଲେଜର-ଗାଇଡେଡ୍ ରକେଟ୍ ସାମିଲ କରାଯାଇଛି। ବହୁ ସଂଖ୍ୟକ ଟିଥର୍ଡ ଡ୍ରୋନ୍ ସାମିଲ କରାଯାଇଛି। ଯାହା ଅଞ୍ଚଳ ଉପରେ ନଜର ରଖିବାକୁ ସକ୍ଷମ। ସେନାରେ ଭୈରବ ବାଟାଲିଅନ ଗଠନ କରାଯାଇଛି। ଏହା ଏକ ହାଲୁକା ଯୁଦ୍ଧ ବାଟାଲିଅନ। ପଦାତିକ ବାହିନୀ ବ୍ୟତୀତ, ଏଥିରେ ତୋପ, ବାୟୁ ପ୍ରତିରକ୍ଷା ଏବଂ ସିଗନାଲର ସୈନିକମାନେ ମଧ୍ୟ ଅନ୍ତର୍ଭୁକ୍ତ। ଏହା ଯୁଦ୍ଧ ଏବଂ ଯୁଦ୍ଧ ସହାୟତା ପ୍ରଦାନ କରିଥାଏ। ସେନାରେ ଏକ ରୁଦ୍ର ବ୍ରିଗେଡ ମଧ୍ୟ ଗଠନ କରାଯାଉଛି। ରୁଦ୍ର ବ୍ରିଗେଡରେ ପଦାତିକ ବାହିନୀ, ତୋପ ବାହିନୀ ଏବଂ ଆବଶ୍ୟକ ହେଲେ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରର ୟୁନିଟ୍ ଅନ୍ତର୍ଭୁକ୍ତ। ଛୋଟ ସମନ୍ୱିତ ଯୁଦ୍ଧ ଗୋଷ୍ଠୀ ମଧ୍ୟ ଗଠନ କରାଯାଉଛି। ଭାରତୀୟ ସେନାର ପ୍ରତ୍ୟେକ ପଦାତିକ ବାଟାଲିୟନରେ ଏକ ଅଗ୍ନି ପ୍ଲାଟୁନ୍ ପ୍ରତିଷ୍ଠା କରାଯାଇଛି। ଏହା ଏକ ଡ୍ରୋନ୍ ପ୍ଲାଟୁନ୍। କିଛି ପାରମ୍ପରିକ ତୋପ ରେଜିମେଣ୍ଟକୁ ଶକ୍ତିବାନ ରେଜିମେଣ୍ଟରେ ପରିଣତ କରାଯାଉଛି। ପାରମ୍ପରିକ ତୋପ ରେଜିମେଣ୍ଟରେ ତୋପ ବ୍ୟବହାର କରାଯାଉଥିବା ବେଳେ, ଶକ୍ତିବାନ ରେଜିମେଣ୍ଟରେ ଡ୍ରୋନ୍, ସ୍ୱର୍ମ ଡ୍ରୋନ୍ ଏବଂ ଲାଇଟରିଂ ଗୋଳାବାରୁଦ ବ୍ୟବହାର କରାଯାଇଥାଏ।

ଅପରେସନ୍ ସିନ୍ଦୂର ସମୟରେ, ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀ ସମୟାନୁସାରେ ପାକିସ୍ତାନୀ ଡ୍ରୋନ୍, କ୍ଷେପଣାସ୍ତ୍ର ଏବଂ ରକେଟ୍ ଆକ୍ରମଣକୁ ଟ୍ରାକ୍ ଏବଂ ପଣ୍ଡ କରିଥିଲା। ପୂର୍ବରୁ ଅପରେଟରମାନଙ୍କୁ ବିଭିନ୍ନ ରାଡାରରୁ ତଥ୍ୟ ମାନୁଆଲୀ ବିଶ୍ଳେଷଣ କରିବାକୁ ପଡୁଥିଲା। ଆକାଶତୀର ପ୍ରଣାଳୀ ସମସ୍ତ ରାଡାରରୁ ତଥ୍ୟକୁ ବାସ୍ତବ ସମୟରେ ଏକ ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରିବା ପାଇଁ ମିଳିତ କରିଥାଏ, ଯାହା ଦ୍ୱାରା ଶୀଘ୍ର ନିଷ୍ପତ୍ତି ନେବା ସହଜ ହୋଇଥାଏ। ସେତେବେଳେ, ୬୦% କାର୍ଯ୍ୟ ସମାପ୍ତ ହୋଇଥିଲା। ବର୍ତ୍ତମାନ ୮୦% ସମାପ୍ତ ହୋଇଛି। ୨୪ ଘଣ୍ଟା ନିରୀକ୍ଷଣ ଏବଂ ସ୍ୱଦେଶୀ ସୁଦର୍ଶନ ଚକ୍ର ମିଶନ ପାଇଁ ହାଇ ଅଲ୍‌ଟିଚ୍ୟୁଡ୍ ଶୁଡୋ ଉପଗ୍ରହ ଉପରେ ମଧ୍ୟ କାର୍ଯ୍ୟ ଚାଲିଛି। ଅପରେସନ ସିନ୍ଦୂର ପରେ, ବାୟୁସେନା ପ୍ରସ୍ତାବିତ ଥିଏଟର କମାଣ୍ଡ ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ଆଣିଛି। ନୂତନ ରାଫେଲ ଲଢୁଆ ବିମାନ ହାସଲ ପାଇଁ ପ୍ରସ୍ତୁତି ଚାଲିଛି। ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଚତୁର୍ଥ ୟୁନିଟ୍ ଖୁବ୍ ଶୀଘ୍ର ଆସିବ ବୋଲି ଆଶା କରାଯାଉଛି। ପଞ୍ଚମ ୟୁନିଟ୍ ମଧ୍ୟ ଏହି ବର୍ଷ ଆସିପାରେ। ୯୬ ଘଣ୍ଟାର ଭାରତ-ପାକ୍ ସଂଘର୍ଷ ସମୟରେ, ଏସ୍-୪୦୦ ସବୁଠାରୁ ଦୀର୍ଘତମ ହିଟ୍ ରେକର୍ଡ କରିଥିଲା।

ଅପରେସନ ସିନ୍ଦୂରର ଗୋଟିଏ ବର୍ଷ ପରେ, ଭାରତର ପ୍ରତିରକ୍ଷା ଶିଳ୍ପ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଛି, ରପ୍ତାନି ରେକର୍ଡ ସ୍ତରକୁ ବୃଦ୍ଧି ପାଇଛି ଏବଂ ସ୍ୱଦେଶୀ ସାମରିକ ପ୍ରଯୁକ୍ତିବିଦ୍ୟା ବିଶ୍ୱସ୍ତରୀୟ ସ୍ୱୀକୃତି ପାଇଛି। ସାମରିକ ସଂଘର୍ଷ ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ଏବେ ଭାରତର ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମ ଏବଂ ଏକ ପ୍ରମୁଖ ବିଶ୍ୱ ଅସ୍ତ୍ର ରପ୍ତାନିକାରୀ ହେବାର ଏହାର ମହତ୍ତ୍ୱାକାଂକ୍ଷା ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ପାଲଟିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଭାରତର ପ୍ରତିରକ୍ଷା ରପ୍ତାନି ୨୦୨୫-୨୬ ଆର୍ଥିକ ବର୍ଷରେ ୩୮,୪୨୪ କୋଟି ଟଙ୍କାରେ ପହଞ୍ଚିଛି। ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୬୨ ପ୍ରତିଶତ ବୃଦ୍ଧି ପାଇଛି। ଏହି ବୃଦ୍ଧି ମୁଖ୍ୟତଃ ଅପରେସନ ସିନ୍ଦୂର ସମୟରେ ପ୍ରଦର୍ଶିତ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସଫଳତା ଯୋଗୁଁ ସମ୍ଭବ ହୋଇଛି। ଭାରତୀୟ ସାମରିକ ପ୍ଲାଟଫର୍ମଗୁଡ଼ିକୁ ପରୀକ୍ଷଣ କରାଯାଇଥିଲା। ଏହି ସଂଘର୍ଷ ଭାରତର ଦ୍ରୁତ ଗତିରେ ବିକଶିତ ପ୍ରତିରକ୍ଷା କ୍ଷମତାର ଏକ ଲାଇଭ୍ ପ୍ରଦର୍ଶନ ଭାବରେ କାର୍ଯ୍ୟ କରିଥିଲା। ବ୍ରହ୍ମୋସ୍ ମିସାଇଲ୍ ସିଷ୍ଟମ୍ ବ୍ୟବହାର କରି ସଠିକ୍ ଆକ୍ରମଣ, ଆକାଶ ବାୟୁ ପ୍ରତିରକ୍ଷା ସିଷ୍ଟମ୍ ଦ୍ୱାରା ଡ୍ରୋନ୍ ଏବଂ କ୍ରୁଜ୍ ମିସାଇଲ୍‌ର ସଫଳ ପ୍ରତିରୋଧ ଏବଂ ସ୍ୱଦେଶୀ ଲଢ଼ିବା ଯୁଦ୍ଧାସ୍ତ୍ରର ନିୟୋଜନ ଭାରତୀୟ ସାମରିକ ପ୍ରଯୁକ୍ତିବିଦ୍ୟା ଉପରେ ବିଶ୍ୱ ବିଶ୍ୱାସକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥିଲା। ରିପୋର୍ଟ ଅନୁଯାୟୀ ଅପରେସନ ସମୟରେ ଅତ୍ୟାଧୁନିକ ଚୀନ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ତୁଳନାରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଭାରତର ସବୁଠାରୁ ଅଧିକ ପ୍ରତିରକ୍ଷା ରପ୍ତାନି ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଥିଲା। ଦକ୍ଷିଣ ପୂର୍ବ ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟର ଅନେକ ଦେଶ ସେବେଠାରୁ ଭାରତରେ ନିର୍ମିତ ପ୍ରଣାଳୀ ହାସଲ କରିବାକୁ ଆଗ୍ରହ ଦେଖାଇଛନ୍ତି। ଏହି ଅଭିଯାନର କିଛି ମାସ ମଧ୍ୟରେ ଭାରତ ପ୍ରାୟ ୨୪,୦୦୦ କୋଟି ଟଙ୍କାର ନୂତନ ରପ୍ତାନି ଅର୍ଡର ମଧ୍ୟ ପାଇଛି। ପ୍ରତିରକ୍ଷା ଅଧିକାରୀମାନଙ୍କ ଅନୁସାରେ ଏହି ପ୍ରଣାଳୀଗୁଡ଼ିକର ଯୁଦ୍ଧ-ପ୍ରମାଣିତ ସ୍ଥିତି ଭାରତୀୟ ଅସ୍ତ୍ରଶସ୍ତ୍ର ପ୍ରତି ଆନ୍ତର୍ଜାତୀୟ ଧାରଣାକୁ ମୌଳିକ ଭାବରେ ପରିବର୍ତ୍ତନ କରିଛି, ଯାହାକୁ ପୂର୍ବରୁ ବିକଳ୍ପ ଭାବରେ ଦେଖାଯାଉଥିଲା। ଆର୍ଥିକ ପ୍ରଭାବ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ରହିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଆକଳନ କରିଛି ଯେ ରପ୍ତାନି ବୃଦ୍ଧି ଦେଶବ୍ୟାପୀ ପ୍ରାୟ ୧.୫ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତିକୁ ସମର୍ଥନ କରିଛି। ଘରୋଇ କମ୍ପାନିଗୁଡ଼ିକ ବର୍ତ୍ତମାନ ଭାରତର ମୋଟ ପ୍ରତିରକ୍ଷା ରପ୍ତାନିର ପ୍ରାୟ ଅଧା ଯୋଗଦାନ ଦେଉଛନ୍ତି। ଯେତେବେଳେ ୧୬,୦୦୦ ରୁ ଅଧିକ ଏମ୍ଏସ୍ଏମ୍‌ଇ ଏବଂ ୧,୦୦୦ ରୁ ଅଧିକ ପ୍ରତିରକ୍ଷା ଷ୍ଟାର୍ଟଅପ୍ ସାମରିକ-ଶିଳ୍ପ ଇକୋସିଷ୍ଟମକୁ ସକ୍ରିୟ ଭାବରେ ବିସ୍ତାରିତ କରିବାରେ ଅଂଶଗ୍ରହଣ କରୁଛନ୍ତି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ଲାର୍ସନ ଆଣ୍ଡ ଟୁବ୍ରୋ, ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ, ଭାରତ ଫୋର୍ଜ ଏବଂ ମାଜାଗାନ ଡକ୍ ସିପ୍ ବିଲ୍‌ଡର୍ସ ସମେତ ପ୍ରମୁଖ ଭାରତୀୟ ପ୍ରତିରକ୍ଷା କମ୍ପାନିଗୁଡ଼ିକ ମହାକାଶ, କ୍ଷେପଣାସ୍ତ୍ର, ନୌସେନା ପ୍ରଣାଳୀ ଏବଂ ଉନ୍ନତ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ବଡ଼ ଘରୋଇ ଏବଂ ଆନ୍ତର୍ଜାତୀୟ ଚୁକ୍ତିନାମା ହାସଲ କରିଛନ୍ତି। ଫ୍ରାନ୍ସ, ଇସ୍ରାଏଲ, ଜର୍ମାନୀ, ଇଟାଲୀ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ସହିତ ସହଯୋଗକୁ ଗଭୀର କରିବା ସହିତ ରୁଷ ପ୍ରତିରକ୍ଷା ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଭାରତର ପ୍ରୟାସରେ ମଧ୍ୟ ଭାରତର ବ୍ୟାପକ ରଣନୈତିକ ପରିବର୍ତ୍ତନ ସ୍ପଷ୍ଟ। ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ ମଧ୍ୟ ଚ୍ୟାଲେଞ୍ଜ ରହିଛି।

# ପଞ୍ଜାବ ବିପକ୍ଷରେ ହାଇଦ୍ରାବାଦ୍ ବିଜୟୀ, କନୋଲିଙ୍କ ଶତକ ବୃଥା

ହାଇଦ୍ରାବାଦ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୯ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ସନରାଇଜର୍ସ ହାଇଦ୍ରାବାଦ ସହଜରେ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଭଲ ପ୍ରଦର୍ଶନ କରି ୩୩ ରନ୍‌ରେ ପଞ୍ଜାବକୁ ହରାଇଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ପଞ୍ଜାବ ୨୩୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୦୨ ରନ୍ ସଂଗ୍ରହ କରିଥିଲା।

ଆରମ୍ଭରୁ ପଞ୍ଜାବର ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ମାତ୍ର ୪ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହଙ୍କୁ ହରାଇଥିଲା। ଉଭୟ ବ୍ୟାଟର ଯଥାକ୍ରମେ ୧ ଏବଂ ୩ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ମଧ ଅଧିକ ସମୟ ତିଷ୍ଠି ପାରି ନଥିଲେ। ସେ ମାତ୍ର ୫ ରନ୍ କରି ପାଭିଲିଅନ ଫେରିଯାଇଥିଲେ।

ପଞ୍ଜାବ ପାଇଁ କୋପର କନୋଲି ଲିଥିଲେ। ସେ ଲଢୁଆ ବ୍ୟାଟିଂ କରି ମଧ ଦଳକୁ ବିଜୟୀ କରାଇ ପାରି ନଥିଲେ। ତାଙ୍କ ସହିତ ଭଲ ଭାଗିଦାରୀ ହେବା ପାଇଁ କେହି ନଥିଲେ। କନୋଲି ୫୯ଟି ବଲ୍ ସାମ୍ନା କରି ୭ଟି ଚେକା ଏବଂ ୮ଟି ଛକା ବଳରେ ୧୦୭ ରନ୍ ସଂଗ୍ରହ କରିଥିଲେ। ମାର୍କସ ଷ୍ଟୋଇନିସ ଏବଂ ସୂର୍ଯ୍ୟାଂଶ ଶେଡଗେ ଯଥାକ୍ରମେ ୨୮ ଏବଂ ୨୫ ରନ୍ କରିଥିଲେ।



ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତ୍ତି ନଇଥିଲା। ଇଶାନ କିଶନ ଏବଂ ହେନ୍‌ରିଚ୍ କ୍ଲାସେଁଙ୍କ ଅର୍ଦ୍ଧଶତକ ବଳରେ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୩୫ରନ୍ ସଂଗ୍ରହ କରିଥିଲା।

ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିବାର ସ୍କାର ୨୩୫ ରନ୍ ହୋଇଥିଲା। ଦଳର ସମସ୍ତ ୫ଜଣ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ। ହେନରିକ୍ କ୍ଲାସେଁ ସର୍ବାଧିକ ବ୍ୟକ୍ତିଗତ ସ୍କାର କରିଥିଲେ। ସେ ୪୩ଟି ବଲ୍‌ର ସାମ୍ନା କରି ୩ଟି ଚେକା ଏବଂ ୪ଟି ଛକା ବଳରେ ୬୯ ରନ୍ ସଂଗ୍ରହ କରିଥିଲେ। ଇଶାନ କିଶନଙ୍କ ବ୍ୟାଟରୁ ୫୫ ରନ୍ ସଂଗ୍ରହ କରିଥିଲେ। ସେ ୩୨ଟି ବଲ୍‌ର ସାମ୍ନା କରିଥିଲେ, ଯେଉଁଥିରେ ୨ଟି ଚେକା ଏବଂ ୪ଟି ଛକା ମାରିଥିଲେ।

ପ୍ରାରମ୍ଭିକ ବ୍ୟାଟର ଅଭିଷେକ ଶର୍ମା ୧୩ଟି ବଲ୍ ଖେଳି ୨ଟି ଚେକା ଏବଂ ୪ଟି ଛକା ସହିତ ୩୫ ରନ୍ କରିଥିଲେ। ସେହିପରି ଟ୍ରାଭିସ ହେଡ୍ ୩ଟି ଚେକା ଏବଂ ୩ଟି ଛକା ବଳରେ ୧୯ଟି ବଲରୁ ୩୮ ରନ୍ କରିଥିଲେ। ଯୁବ ବ୍ୟାଟର ନୀତିଶ କୁମାର ରେଡ୍ଡୀ ୧୩ଟି ବଲ୍ ଖେଳି ୨ଟି ଚେକା ଏବଂ ୨ଟି ଛକା ସହିତ ଅପରାଜିତ ୨୯ ରନ୍ ସଂଗ୍ରହ କରିଥିଲେ।

ଅପରପକ୍ଷେ ପଞ୍ଜାବର ବୋଲିଂ ପ୍ରଦର୍ଶନ ଉତ୍ସାହଜନକ ନଥିବାରୁ ହାଇଦ୍ରାବାଦର ବ୍ୟାଟରମାନେ ଏଥିରୁ ଲାଭ ଉଠାଇଥିଲେ। ବୋଲର ଅର୍ଶଦୀପ ସିଂହ, ଲକି ଫରଗୁସନ, ଯୁଜବେନ୍ଦ୍ର ଚହଲ ଏବଂ ବିଜୟକୁମାର ବେଶ୍ୟକ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ପୂର୍ବତନ କ୍ରିକେଟର ଅମନପ୍ରୀତ ଗିଲ୍‌ଙ୍କ ୩୬ ବର୍ଷ ବୟସରେ ନିଧନ

## ବିରାଟ-ଯୁଭି-ଶିଖର ପ୍ରକାଶ କଲେ ଶୋକ

ନୂଆଦିଲ୍ଲୀ,୭।୫(ଏଜେନ୍ସି); ଭାରତୀୟ ଅଣ୍ଡର-୧୯ (ଟ-୧୯) କ୍ରିକେଟ୍ ଦଳ ଏବଂ ଘରୋଇ କ୍ରିକେଟ୍‌ରେ ପଞ୍ଜାବ ପାଇଁ ଖେଳିସାରିଥିବା ମଧ୍ୟମ ଗତିର ଦ୍ରୁତ ବୋଲର ଅମନପ୍ରୀତ ସିଂ ଗିଲ୍‌ଙ୍କର ବୁଧବାର ଦିନ ୩୬ ବର୍ଷ ବୟସରେ ଚଣ୍ଡିଗଡ଼ରେ ନିଧନ ହୋଇଯାଇଛି । ଅମନପ୍ରୀତ ସିଂ ଗିଲ୍‌ଙ୍କ ନିଧନରେ ବିରାଟ କୋହଲି, ଯୁଭରାଜ ସିଂ ଏବଂ ଶିଖର ଧୱନଙ୍କ ଭଳି କ୍ରିକେଟରମାନେ ଶୋକ ପ୍ରକାଶ କରିଛନ୍ତି ।

ଅମନପ୍ରୀତଙ୍କ ସହ ଅଣ୍ଡର-୧୯ କ୍ରିକେଟ୍ ଖେଳିଥିବା ବିରାଟ କୋହଲି ଏକ୍ସ (ଢ) ରେ ଲେଖିଛନ୍ତି, 'ଅମନପ୍ରୀତ ଗିଲ୍‌ଙ୍କ ନିଧନ ଖବର ଶୁଣି ମୁଁ ସ୍ତବ୍ଧ ଏବଂ ଦୁଃଖିତ । ତାଙ୍କ ପରିବାର ଏବଂ ପ୍ରିୟଜନଙ୍କୁ ଏହି ଦୁଃଖ ସହିବାର ଶକ୍ତି ମିଳୁ । ଓମ୍ ଶାନ୍ତି ।'

ପୂର୍ବତନ ଅଲରାଉଣ୍ଡର ଯୁଭରାଜ ସିଂ ଏକ୍ସରେ ଲେଖିଛନ୍ତି, 'ଅମନପ୍ରୀତ ସିଂ ଗିଲ୍‌ଙ୍କ ନିଧନ ବିଷୟରେ ଶୁଣି ବହୁତ ଦୁଃଖ ଲାଗିଲା । ପ୍ରାରମ୍ଭିକ ଦିନଗୁଡ଼ିକରେ ଆମେ ଆମ ଡ୍ରେସିଂ ରୁମ୍‌ରେ ସାଥୀରେ ଥିଲୁ । ସେ ଜଣେ ଶାନ୍ତ, ପରିଶ୍ରମୀ କ୍ରିକେଟର ଥିଲେ ଯିଏ ଖେଳକୁ ଭଲ ପାଉଥିଲେ । ତାଙ୍କ ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ମୋର ହାର୍ଦ୍ଦିକ ସମବେଦନା । ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ । ଓମ୍ ଶାନ୍ତି ।'

ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ୍ ଶିଖର ଧୱନ ଏକ୍ସରେ ଲେଖିଛନ୍ତି, 'ପଞ୍ଜାବର ପୂର୍ବତନ କ୍ରିକେଟର ଅମନପ୍ରୀତ ସିଂ ଗିଲ୍‌ଙ୍କର ଏତେ କମ୍ ବୟସରେ ନିଧନ ଖବର ଶୁଣି ବହୁତ ଦୁଃଖ ଲାଗିଲା । ତାଙ୍କ ପରିବାର, ବନ୍ଧୁ ଏବଂ ତାଙ୍କୁ ଜାଣିଥିବା ସମସ୍ତ ଲୋକଙ୍କ ପ୍ରତି ମୋର ଗଭୀର ସମବେଦନା । ଓମ୍ ଶାନ୍ତି ।' ପଞ୍ଜାବ କ୍ରିକେଟ୍ ଆସୋସିଏସନ୍ (ଚଉଇ) ତାଙ୍କ ନିଧନରେ ଶୋକ ପ୍ରକାଶ କରିଛି ଏବଂ ତାଙ୍କୁ ପଞ୍ଜାବ କ୍ରିକେଟ୍‌ର ଜଣେ ସମର୍ପିତ ସେବକ ଭାବରେ ମନେ ପକାଇଛି । ୧୬ ସେପ୍ଟେମ୍ବର ୧୯୮୯ ରେ ଚଣ୍ଡିଗଡ଼ରେ ଜନ୍ମିତ ଅମନପ୍ରୀତ ସିଂ ଗିଲ୍ ପଞ୍ଜାବ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୨୦୦୬ ରେ ଡେବ୍ୟୁ କରିଥିଲେ । ଡାହାଣହାତୀ ଦ୍ରୁତ ବୋଲରଜଣକ ୬ ଟି ମ୍ୟାଚ୍‌ରେ ୧୧ ଟି ୱିକେଟ୍ ନେଇଥିଲେ । ସେ ୨୦୦୭ ରେ ଅନେକ ଯୁବ ଦିନିକିଆ ଏବଂ ତିନି ଦିନିଆ ଟେଷ୍ଟରେ ଭାରତର ପ୍ରତିନିଧିତ୍ୱ କରିଥିଲେ, ଏହି ସମୟ ମଧ୍ୟରେ ଇଂଲଣ୍ଡ, ମାଲେସିଆ ଏବଂ ଶ୍ରୀଲଙ୍କା ଗସ୍ତ କରିଥିଲେ ।

# ପଞ୍ଜାବ କିଙ୍ଗ୍ସର ଖରାପ ପ୍ରଦର୍ଶନ ନେଇ ଚିନ୍ତାରେ ପଣ୍ଟିଂ

ନୂଆଦିଲ୍ଲୀ ୭।୫(ଏଜେନ୍ସି): ଆଇପିଏଲ ୨୦୨୫ ର ରନର-ଅପ ପଞ୍ଜାବ କିଙ୍ଗ୍ସ ଚଳିତ ଆଇପିଏଲ ରେ ଯେଉଁଭଳି ପ୍ରଦର୍ଶନ କରୁଥିଲା, ତାହା ଦେଖି ସମସ୍ତେ ଆଶା କରୁଥିଲେ କି ପଞ୍ଜାବ କିଙ୍ଗ୍ସ ଆଇପିଏଲ ୨୦୨୬ ଟ୍ରଫି ହାତେଇବ । ପ୍ରଥମ ୭ ଟି ମ୍ୟାଚରେ ବିଜୟ ପରେ ପଞ୍ଜାବକୁ ଲଗାତାର ୩ ଟି ମ୍ୟାଚରେ ପରାଜୟର ସାମ୍ନା କରିଛି । ହାଇଦ୍ରାବାଦ ବିପକ୍ଷ ପରାଜୟ ପରେ ପଞ୍ଜାବ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଖସି ଆସିଛି ।

ବୁଧବାର ସନରାଇଜର୍ସ ହାଇଦ୍ରାବାଦ, ପଞ୍ଜାବ କିଙ୍ଗ୍‌ସକୁ ୩୩ ରନରେ ପରାସ୍ତ କରିଛି । ଏହି ମ୍ୟାଚରେ ପଞ୍ଜାବର ଫିଲଡିଂ ଫ୍ୟାନ୍ସଙ୍କୁ ନିରାଶ କରିଥିଲା । ପଞ୍ଜାବ ୩ ଟି କ୍ୟାଚ ଛାଡିଥିଲା, ଯାହାଫଳରେ ପଞ୍ଜାବକୁ ପରାଜୟର ସାମ୍ନା କରିବାକୁ ପଡିଲା । କେବଳ ଏହି ଗୋଟିଏ ମ୍ୟାଚ ନୁହେଁ, ପୂର୍ବ ମ୍ୟାଚରେ ମଧ ପଞ୍ଜାବର ଖରାପ ଫିଲଡିଂ ଲାଗି ରହିଛି । ଯାହାକୁ ନେଇ ପଞ୍ଜାବ କିଙ୍ଗ୍ସର କୋଚ ରିକି ପଣ୍ଟିଙ୍ଗ ନିରାଶା ଜାହିର ରଖିଛନ୍ତି ।



ରିକି ପଣ୍ଟିଙ୍ଗ ମ୍ୟାଚ ସମୟରେ ଚାଲିଥିବା ଆଲୋଚନାରେ କହିଛନ୍ତି 'ଏହା ଆମ ପାଇଁ ଏକ ପ୍ରକାର ଭାଇରସ ପାଲଟିଯାଇଛି । ଏହି ସିଜିନରେ ଆମେ ଅନେକ କ୍ୟାଚ ଛାଡିଛୁ । ଖେଳାଳିମାନେ ଚଳିତ ସିଜିନରେ କଠିନ ପରିଶ୍ରମ କରିଛନ୍ତି । ବିଚାର ଶଶାଙ୍କ ଯେଉଁଠିକି ଯାଉଛନ୍ତି ତାଙ୍କୁ ବଲ ପିଛା କରୁଛି । ହାମଷ୍ଟ୍ରିଙ୍ଗ୍ ରେ ଆଘାତ ପାଇଁ ସେ କିଛି ମ୍ୟାଚରୁ ବାଦ ପଡ଼ିଥିଲେ ଓ ତାଙ୍କୁ ସୁସ୍ଥ ହେବାକୁ କିଛି ସପ୍ତାହ ଲାଗିଥିଲା । ମ୍ୟାଚ ଖେଳିବା ପାଇଁ ସେ ଶାରୀରିକ ଭାବେ ଫିଟ ହେବା ପାଇଁ ଯଥାସମ୍ଭବ ପ୍ରୟାସ କରିଛନ୍ତି ।ଗତ କିଛି ଦିନ ଧରି ତାଙ୍କୁ କ୍ୟାଚ ଡ୍ରିଲ ମଧ ଦିଆଯାଇଛି ।'ସେ କହିଛନ୍ତି, 'ମୁଁ କୌଣସି ବାହାରଣ କରିବାକୁ ଚାହୁଁନି । ଆମେ କାଲି ରାତିରେ ଏଠାରେ ଅଭ୍ୟାସ କରିଥିଲୁ । ଏହି ପଡିଆକୁ ଆସିବାର ଏହା ହିଁ ସୁବିଧା ହୋଇଥାଏ । ସମସ୍ତଙ୍କୁ ଲାଇଟ ରେ ଅଭ୍ୟାସ କରିବାର ସୁଯୋଗ ମିଳେ ଓ ଏହି ପରିବେଶ ସହ ଖାପ ଖୁଆଇ ମ୍ୟାଚ ଖେଳିବାକୁ ସହଜ ହୁଏ । ତେଣୁ ଏହି ଭୁଲ ପାଇଁ କୌଣସି ବାହାନା କଲେ ଠିକ ହେବ ନାହିଁ । ଯେତେବେଳେ ଏଭଳି କ୍ୟାଚ ମିଳେ ତାକୁ ଧରିବା ଆବଶ୍ୟକ ।'

# ଅଷ୍ଟ୍ରେଲିଆ ବିପକ୍ଷ ୧୮ବର୍ଷରୁ କମ୍ ହକି ଶୃଙ୍ଖଳା ଲାଗି ଦଳ ଘୋଷିତ

ଭୁବନେଶ୍ୱର,୭।୫(ଏଜେନ୍ସି): : ଭୋପାଳର ଉଦ୍ଧବ ଦାସ ମେହଟ୍ଟା ସାଇ କେନ୍ଦ୍ରଠାରେ ଚଳିତ ମେ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୧୮ବର୍ଷରୁ କମ୍ ବାଳକ ଓ ବାଳିକା ହକି ଶୃଙ୍ଖଳା ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରିଛି ହକି ଇଣ୍ଡିଆ। ଉଭୟ ଦଳରେ ୨୪ଜଣ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି।

ଓଡିଶା ହକି ପାଇଁ ଅନ୍ୟତମ ବଡ ଖୁସି ଖବର ଭାବେ ରାଜ୍ୟ ମହିଳା ହକିର ଉଦୀୟମାନ ତାରକା ସ୍ୱିଟି କୁଜୁର ଏହି ଶୃଙ୍ଖଳା ଲାଗି ଭାରତୀୟ ଦଳର ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ତା' ଛଡା ରୁବିନା ବାସ୍କଲା, କିରଣ ଏକ୍କା, ପ୍ରିୟଙ୍କା ମିଞ୍ଜ୍ ଓ ପ୍ରିନ୍‌ସେସପ୍ରିୟା ଏକ୍କାଙ୍କ ଭଳି ଓଡିଆ ଖେଳାଳି ମଧ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେହିଭଳି ଭାରତୀୟ ୧୮ବର୍ଷରୁ କମ୍ ବାଳକ ଦଳରେ ଓଡିଶାର ବିଶାଳ ବାଡ, ଦୀପକପ୍ରକାଶ ଟପ୍ପା ଓ ଅମନ ସୋରେଙ୍ଗଙ୍କୁ ମଧ ଭାରତୀୟ ଦଳରେ ସୁଯୋଗ ମିଳିଛି। ଏହି ଶୃଙ୍ଖଳାର ଉଭୟ ବର୍ଗରେ ଚାରିଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଯାହା ଜାପାନରେ ଖେଳାଯିବାକୁ ଥିବା ୧୮ବର୍ଷରୁ କମ୍ ଏସିଆ କପ୍ ଲାଗି ପ୍ରସ୍ତୁତି କରିବାର ବଳିଷ୍ଠ ମଞ୍ଚ ପାଲଟିବ।

ବାଳିକା ଦଳ: ଗୋଲ୍‌ରକ୍ଷକ-ମହକ ପରିହାର, ହାରି, ଖୁଶି କୁମାରୀ, ରକ୍ଷଣଭାଗ- ସୁଗାନ ସାଙ୍ଗା, ନିଲମ ଟପ୍‌ନୋ, ରୁବିନା ବାସ୍କଲା, କିରଣ ଏକ୍କା, ଦିବ୍ୟା ଯାଦବ, ସୁଲୋଚନୀ, ମଧ୍ୟଭାଗ- ଶ୍ରୁତି କୁମାରୀ, ଦିୟା, ହର୍ଷିତା, ରଶ୍ମିନ କେଉର, ଲାମ୍ପିଙ୍ଗାବି ଆକୋଇଜାମ, ନାନ୍‌ସୀ ସରୋହା, ଡଙ୍ଗବ୍ରାମ ଲଞ୍ଚବୀ ଦେବୀ, ସ୍ନେହା ହାଭଡେ, ଅଗ୍ରଭାଗ- ନେସିନ ନାଜ, ସ୍ୱିଟି କୁଜୁର (ଅଧିନାୟିକା), ପ୍ରିୟଙ୍କା ମିଞ୍ଜ୍, ସନ୍ଦୀପା କୁମାରୀ, ନାମି ଗୀତାଶ୍ରୀ, ପ୍ରିନ୍‌ସେସ୍ ପ୍ରିୟା ଏକ୍କା, ପୁଷ୍ପା ମାଝୀ। ବାଳକ ଦଳ: ଗୋଲ୍‌ରକ୍ଷକ- ସାୱନ କୁମାର, ଆୟୁଷ ରଜକ, ବିଶାଳ ବଡା, ରକ୍ଷଣଭାଗ- ଅଂଶ ବହୁତ୍ରା, ଆଶିଷ ତାନି ପୂର୍ତ୍ତି, ଅମନ ସୋରେଙ୍ଗ, ଦୀପକ ପ୍ରକାଶ ଟପ୍ପା, କରଣ ଗେଉମ, କରଣ ଧନୁକ, ମଧ୍ୟଭାଗ- ପ୍ରମଚାନ୍ଦ ସଏ, ରାହୁଲ ଯାଦବ, ବାରିନ୍ଦର ସିଂହ, ରୋମିତ ପାଲ, ଅର୍ଜନଦୀପ ସିଂହ, ଗୁରସିମରନ୍‌ପ୍ରୀତସିଂହ, ଅର୍ଶଦୀପ ସିଂହ, ଅଭି ମାଣିକପୁରୀ, ଅଗ୍ରଭାଗ- ଆକାଶ ଦୀପ, କେତନ କୁଶୱାହା (ଅଧିନାୟକ), ଶାହରୁଖ ଅଲୀ, ଗାଜୀ ଖାନ, ପ୍ରହଲ୍ଲାଦ ରାଜଭର, ସିଦ୍ଧାର୍ଥ ବେନ୍, ଜୟସାନ କନ୍ଦୁଲା।

## ଥମାସ କପ୍ କାଂସ୍ୟ ବିଜୟ ପରେ ସାତ୍ତ୍ୱିକଙ୍କ କ୍ଷୋଭ

# ଖେଳାଳିଠାରୁ ଇନଷ୍ଟା ମଡେଲଙ୍କୁ ଅଧିକ ଗୁରୁତ୍ୱ

ନୂଆଦିଲ୍ଲୀ,୭।୫(ଏଜେନ୍ସି): ଚାଇନିଜ୍ ତାଇପେଇକୁ ପରାସ୍ତ କରି ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଦଳ ସମ୍ମାନଜନକ ଥମାସ କପ୍‌ରେ କାଂସ୍ୟ ପଦକ ଜିତିଛି। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବ୍ୟାଡ୍‌ମିଣ୍ଟନ୍ ଦୁନିଆରେ ଭାରତୀୟ ଖେଳାଳିଙ୍କ ଏହି ସଫଳତା କେଣସି ବଡ ମାଇଲ୍‌ଖୁଣ୍ଟଠାରୁ କିଛି କମ୍ ନୁହେଁ। ବଡ କଥା ହେଲା ଏହି ପ୍ରତିଯୋଗିତାର ତିନିଟି ସଂସ୍କରଣରେ ଭାରତ ଦୁଇଟି ପଦକ ଜିତିଛି। ଶେଷ ଥର ଲାଗି ଭାରତୀୟ ଦଳ ୨୦୨୨ ମସିହାରେ ପ୍ରଥମ ଥର ଏଥିରେ ପଦକ ଜିତିବାର ଗୌରବ ଅର୍ଜନ କରିଥିଲା। ତଥାପି ଏହି ପଦକ ବିଜୟ ଲାଗି ଭାରତୀୟ ଦଳକୁ ଯେତିକି ସମ୍ମାନ, ପ୍ରତିଷ୍ଠା, ଲୋକପ୍ରିୟତା ଓ ଭଲ ପାଇବା ମିଳିବା କଥା ସେତିକି ମିଳୁନି। ଯାହା ଭାରତୀୟ ଦଳର ଏହି ଐତିହାସିକ ବିଜୟର ପ୍ରମୁଖ ସାରଥି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କୁ କ୍ଷୁବ୍ଧ କରିଛି। ଏଭଳି ଏକ ସଫଳତା ପାଇବା ସତ୍ତ୍ୱେ ଦେଶରେ ତାଙ୍କ ଭଳି ଖେଳାଳିଙ୍କର କେଣସି ସମ୍ମାନ ନାହିଁ।




ଏପରିକି ଭାରତରେ ଇନ୍‌ଷ୍ଟାଗ୍ରାମ୍ ମଡେଲଙ୍କୁ ଖେଳାଳିଙ୍କଠାରୁ ଅଧିକ ଗୁରୁତ୍ୱ ମିଳେ ବୋଲି ହତାଶା, ଦୁଃଖ ଓ ଘୋର ଅସନ୍ତୋଷର ସହ ସେ କହିଛନ୍ତି। ପଦକ ନେଇ ଭାରତ ଫେରିବା ପରେ ନିଜ ମନର ଯାନ୍ତ୍ରଣାକୁ ସାତ୍ତ୍ୱିକ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଭାରତୀୟ ଖେଳାଳି ସ୍ୱଦେଶ ଫେରିବା ପରେ କେହି କେମିତି ସେମାନଙ୍କୁ ବାସିରେ ପଚାରି ନଥିଲେ। ସେ ବିଷୟରେ ଫଟୋ ସହ ପୋଷ୍ଟ କରିଥିଲେ। ଏହା କରି ସେ ଆମ ଦେଶରେ କିଭଳି କ୍ରୀଡା ସଫଳତାର କେଣସି ମହତ୍ତ୍ୱ ନାହିଁ ସେ ବିଷୟରେ ନିଜସ୍ୱ ଭାବନାକୁ ବ୍ୟକ୍ତ କରିଥିଲେ। ଯାହା କ୍ରୀଡାପ୍ରେମୀଙ୍କ ମନରେ ଆଲୋଡନ ସୃଷ୍ଟି କରିଥିଲା। ତାଙ୍କ ଫଟୋ ଓ ଲେଖା ଭାଇରାଲ୍ ହେବା ପରେ ଏକ ସାକ୍ଷାତକାରରେ ନିଜ ଯନ୍ତ୍ରଣା ଜର୍ଜରିତ କ୍ରୀଡା ଯାତ୍ରା ଉପରୁ ପରଦା ଉଠାଇ ସାତ୍ତ୍ୱିକ କହିଛନ୍ତି, ମୁଁ ଆଜି ପର୍ଯ୍ୟନ୍ତ କେଣସି ସରକାରଙ୍କଠାରୁ କିଛି ବି ସମର୍ଥନ ପାଇନି। ମୋ ନିଜ ରାଜ୍ୟ ଆନ୍ଧ୍ରପ୍ରଦେଶରେ ବି ଏକପ୍ରକାର ଆଲୋଡା। ଏକାକୀ ଲଢୁଛି ଏବଂ ସବୁକିଛି ନିଜେ ହିଁ କରୁଛି। କେବେ କେବେ ଏଥିଲାଗି ହତାଶାବୋଧ ଅନୁଭବ ହୁଏ। ହେଲେ କ'ଣ ଆଉ କରିହେବ। ଯେତେବେଳେ ଆମେ ବିମାନବନ୍ଦର ଦେଇ ଯାତ୍ରା କରୁ, କେହି ଜାଣନ୍ତି ନାହିଁ ଯେ ଆମେ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ବୋଲି। ଇମିଗ୍ରେସନ୍ କିମ୍ବା ଟିକେଟ ଯାଞ୍ଚ କାଉଣ୍ଟରରେ କେହି ଆମକୁ ଜାଣନ୍ତି ନାହିଁ। ଫ୍ଲାଇଟ୍‌ରେ କେହି ଚିହ୍ନନ୍ତିନି। ମୁଁ କେବଳ ଏକ ସରଳ କଥା କହୁଛି। ଆମେ ଟଙ୍କା ପଇସା ଚହୁଁନୁ, କେବଳ କିଛି ଭଲ ପାଇବା, ଯତ୍ନ ଓ ଉତ୍ସାହ ମାଗୁଛୁ। ଏକ ଛୋଟ ଫୁଲତୋଡା ମଧ ଆମକୁ ଖୁସି କରିଦିଏ। ହେଲେ ଦେଶ ପାଇଁ ଏତେ କିଛି କରିବା ପରେ ମଧ ସେତିକି ଆଶା ପୂରଣ ହେଉନି।

# ବିବାହ ପଞ୍ଜୀକରଣ କଲେ ଧାୱନ

ନୂଆଦିଲ୍ଲୀ,୭।୫: ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧୱନ ପୁଣି ଠାରେ ବିବାହ କରିଛନ୍ତି, ଯାହାକୁ ନେଇ ଏବେ ଅନେକ ଚର୍ଚ୍ଚା ହେଉଛି । ଶିଖର ନିଜ ପତ୍ନୀ ସୋଫି ସାଇନଙ୍କ ସହିତ ଗୁରୁଗ୍ରାମରେ ରେଜିଷ୍ଟ୍ରି ମ୍ୟାରେଜ କରିଛନ୍ତି । ଏହି ସମୟରେ ତାଙ୍କ ପରିବାରର ଅନେକ ସଦସ୍ୟ ଉପସ୍ଥିତ ଥିଲେ । ଏହି ଖବର ପରେ ନବ ଦମ୍ପତିଙ୍କୁ ଦେଖିବା ପାଇଁ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଭିଡ ଦେଖିବାକୁ ମିଳିଥିଲା। ତେବେ ଶିଖର ଓ ସୋଫି ପୂର୍ବରୁ ୨୧ ଫେବୃଆରୀ, ୨୦୨୬ ରେ ଦିଲ୍ଲୀ-ଏନସିଆର ଅଞ୍ଚଳରେ ଏକ ଭବ୍ୟ ସମାରୋହରେ ବିବାହ କରିଥିଲେ । ଏହି ସମୟରେ ଦୁଇ ଜଣଙ୍କ ଅତି ଘନିଷ୍ଠ ସମ୍ପର୍କୀୟ ଉପସ୍ଥିତ ଥିଲେ ।



ଶିଖର ଧୱନ ଚଳିତ ବର୍ଷ ୧୨ ଜାନୁଆରୀରେ ସୋଫି ସାଇନଙ୍କ ସହିତ ନିର୍ବନ୍ଧ କରିଥିଲେ ଓ ୨୧ ଫେବୃଆରୀରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଗତ ବୁଧବାର ଅର୍ଥାତ ୬ ମଇ ୨୦୨୬ ରେ ଶିଖର ଓ ସୋଫି ଗୁରୁଗ୍ରାମର ବିକାଶ ସଦନରେ ଥିବା ବିବାହ ପଞ୍ଜିକରଣ କାର୍ଯ୍ୟାଳୟକୁ ଯାଇଥିଲେ, ଯେଉଁଠି ସେମାନେ ରେଜିଷ୍ଟ୍ରି ମ୍ୟାରେଜ କରିଛନ୍ତି । ଧୱନ ଓ ସୋଫି ଅପରାହ୍ନ ୩ ଟା ସମୟରେ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ତାଙ୍କ ପରିବାରର କିଛି ସଦସ୍ୟ, କିଛି ଘନିଷ୍ଠ ବନ୍ଧୁ ଉପସ୍ଥିତ ଥିଲେ। ଏହି ସମୟର ଏକ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହି ଭିଡିଓରେ ଦୁହେଁ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଅଛନ୍ତି, ଶିଖର ଘନ ନୀଳ ଟି-ସାର୍ଟ ପିନ୍ଧିଛନ୍ତି ଓ ସୋଫି ଆକାଶ ନୀଳ ରଙ୍ଗର ସାର୍ଟ ପିନ୍ଧିଛନ୍ତି।

# ରଘୁଙ୍କ 'ରାଧେ ରାଧେ' ଓ 'ଜଗନ୍ନାଥ' ବିଶ୍ୱାସ

ଭୁବନେଶ୍ୱର: ବୟସ ୩୩, ମୁଣ୍ଡରେ ଜଟ, ମୁହଁରେ ଦାଢ଼ି ରଖିଥିବା ଏହି ଲେଗ୍ ସ୍ପିନର ଜଣଙ୍କ କିଏ ଏହି ଚର୍ଚ୍ଚା ଏବେ ଆଇପିଏଲ୍ ପ୍ରଶଂସକଙ୍କ ମନ ଭିତରେ ଘୁରିବୁଲୁଛି। ଆଇପିଏଲ୍ ଇତିହାସରେ ସମ୍ପୂର୍ଣ୍ଣ ନୂଆ ହେଲେ ବି ନିଜ ଖେଳ, ଶାନ୍ତ ସ୍ୱଭାବ, ଶୃଙ୍ଖଳିତ ବ୍ୟବହାର, ଆଧ୍ୟାତ୍ମିକ ବିଶ୍ୱାସ ପାଇଁ ସେ ତୁରନ୍ତ ଆଲୋଚନାର କେନ୍ଦ୍ରବିନ୍ଦୁରେ ରହିଛନ୍ତି। ଏହି ଖେଳାଳି ଜଣଙ୍କ କ୍ରିକେଟ୍ ଜୀବନ କାହାଣୀ ବି ଅନେକ ଉତ୍କଣ୍ଠାରେ ଭରା। ମୁମ୍ବାଇ ଇଣ୍ଡିଆନ୍ସ ଶିବିରରେ ଗତ ଋତୁଠାରୁ ଥିଲେ ମଧ ଚଳିତ ବର୍ଷ ସେ ଗତ ଦୁଇ ମ୍ୟାଚ୍ ଖେଳିବା ପରେ ସମସ୍ତଙ୍କ ନଜରକୁ ଆସିଛନ୍ତି। ୧୫ ବର୍ଷର ସଂଘର୍ଷ, ବିଶ୍ୱାସ, ସାଧାନା ଓ ଧୈର୍ଯ୍ୟର ପରିଣତିକୁ ପ୍ରତିଫଳିତ କରିଥିବା ଏହି ଖେଳାଳି ଜଣଙ୍କ ହେଲେ ରଘୁ ଶର୍ମା ।ସୋମବାର ରାତିରେ ରଘୁ ଯେତେବେଳେ ଏଲ୍ଏସ୍‌ଜିର ଅକ୍ଷତ ରଘୁବଂଶୀଙ୍କୁ ନିଜ ପ୍ରଥମ ଆଇପିଏଲ୍ ଶିକାର କଲେ ସମସ୍ତଙ୍କ ବିଶ୍ୱାସ ଜିତିଯାଇଥିଲେ। ପ୍ରଶଂସକମାନେ ରଘୁ ରଘୁ ଚିତ୍କାର କରିବା ସହ ତିଳକ ବର୍ମା ବି ସାବାସୀ ଜଣାଉଥିଲେ ବାଉଣ୍ଡରି ନିକଟରୁ। ମୁମ୍ବାଇ ଏହି ମ୍ୟାଚ୍‌ରୁ ବିଜୟଧାରାକୁ ଫେରିଛି। ମୁମ୍ବାଇର ପୂର୍ବ ମ୍ୟାଚ୍‌ରେ ଟ୍ରେଣ୍ଟ ବୋଲ୍ଟ ଓ ହାର୍ଦ୍ଦିକ ପାଣ୍ଡ୍ୟା ଓଭର ପିଛା ୧୦+ ରନ୍ ବ୍ୟୟ କରୁଥିବାବେଳେ ପଦାର୍ପଣରେ ରଘୁ ତାଙ୍କ ୪ ଓଭରରେ ମାତ୍ର ୨୪ ରନ୍ ଦେଇ ୱିକେଟଶୂନ୍ୟ ରହିଥିଲେ। ସୋମବାର କିନ୍ତୁ ରଘୁବଂଶୀଙ୍କ ୱିକେଟ୍ ଦଖଲ ପରେ ସେ ପକେଟରୁ ଏକ ହାତଲେଖା ବାର୍ତ୍ତା କି ଦେଖାଇବା ପରେ ଅଧିକ ଚର୍ଚ୍ଚାକୁ ଆସିଛନ୍ତି।

ଏଥିରେ ଲେଖାଥିଲା 'ରାଧେ ରାଧେ। ଗୁରୁଦେବଙ୍କ ଆଶୀର୍ବାଦରୁ ଆଜି ୧୫ ବର୍ଷ ଯନ୍ତ୍ରଣାପୂର୍ଣ୍ଣ ଯାତ୍ରାର ଅନ୍ତ ଘଟିଲା। ଏଭଳି ସୁଯୋଗ ଦେଇଥିବାରୁ ମୁମ୍ବାଇ ଇଣ୍ଡିଆନ୍ସକୁ ଧନ୍ୟବାଦ। ଚିର କୃତଜ୍ଞ ରହିବି.. ଜୟ ଶ୍ରୀରାମ'। ରଘୁଙ୍କ ସ୍ୱପ୍ନ ସାକାର ପଛରେ ଯେ ସଂଘର୍ଷ, ବିପର୍ଯ୍ୟୟ, ସାଧନା, ବିଶ୍ୱାସ ଭରି ରହିଥିଲା ଏଥିରୁ ଅନୁମେୟ ଯେ କେତେ କ୍ଷତାକ୍ତ ହୋଇ ସେ ଆଗକୁ ବିଛନ୍ତି ।ରଘୁଙ୍କ ପରିବାରରେ ଡାକ୍ତର, ଇଂଜିନିୟରିଂ ପିବାର ପରମ୍ପରା ଓ ସଫଳତା ଥିଲେ ବି ସେ କ୍ରିକେଟ୍‌କୁ ବାଛିଥିଲେ। ନିଜେ ବି ଇଂଜିନିୟରିଂ ପିଥିଲେ।

୨୦୧୬ରେ ରଘୁଙ୍କୁ ନେବାକୁ ମୁମ୍ବାଇ ଇଣ୍ଡିଆନ୍ସକୁ ହରଭଜନ ସିଂହ ପରାମର୍ଶ ଦେଇଥିଲେ। କିନ୍ତୁ ଟ୍ରାଏଲ୍ସରେ ସେ ବିଫଳ ହୋଇଥିଲେ। ୨୦୧୭ରେ ରଘୁ ପଞ୍ଜାବ ପାଇଁ ଘରୋଇ କ୍ରିକେଟ ଖେଳିଥିଲେ। ନିଜ ଦ୍ୱିତୀୟ ମ୍ୟାଚ୍‌ରେ ସେ ଗୋଆ ବିପକ୍ଷରେ ୭ ୱିକେଟ୍ ମଧ ନେଇଥିଲେ। ଫିଟନେସ୍ ସମସ୍ୟା କିନ୍ତୁ ପୁଣି ତାଙ୍କ ପ୍ରତିବଂଧକ ସାଜିଥିଲା। ୨୦୨୦-୨୧ରେ ରଘୁ ପୁଡୁଚେରୀ ପାଇଁ ଲିଷ୍ଟ 'ଏ' ଓ ଟ୍ୱେଣ୍ଟି-୨୦ ପଦାର୍ପଣ କରିଥିଲେ। ଗୋଟିଏ ବର୍ଷ ପରେ ଶ୍ରୀଲଙ୍କାର ଗାଲେ କ୍ରିକେଟ୍ କ୍ଲବ୍ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳି ମାତ୍ର ୬ ମ୍ୟାଚ୍‌ରୁ ୪୬ ୱିକେଟ୍ ନେଇଥିଲେ। ପରବର୍ତ୍ତୀ ବର୍ଷ କିନ୍ତୁ ଶ୍ରୀଲଙ୍କା କ୍ରିକେଟ୍ ଏକ ନୂଆ ନିୟମ କରିବାରୁ ସେ ଆଉ ଖେଳିପାରିନଥିଲେ। ଅନ୍ୟୁନ ୫ଟି ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିଥିଲେ ବିଦେଶୀ ଖେଳାଳିଙ୍କୁ ସୁଯୋଗ ମିଳିବ ବୋଲି ସର୍ତ୍ତ ରହିଥିଲା। ରଘୁ କିନ୍ତୁ ସେତେବେଳକୁ ୪ଟି ମ୍ୟାଚ୍ ଖେଳିଥିବାରୁ ଦୁର୍ଭାଗ୍ୟଜନକ ଭାବେ ସିଂହଳ ଯାତ୍ରା ଅଧାରେ ଅଟକିଯାଇଥିଲା। ଇଂଇଣ୍ଡ ଗସ୍ତ କରି ସେ ଦକ୍ଷିଣ ଆଫ୍ରିକା ସ୍ପିନର୍ ଇମ୍ରାନ ତାହିରଙ୍କଠାରୁ ବି ଦିଗଦର୍ଶନ ନେଇଥିଲେ। ନିଜ ସାମର୍ଥ୍ୟରେ ଗୁଗ୍‌ଲି ବୋଲିଂ କଳାକୁ ଯୋଡି ପାରିଥିଲେ। ୨୦୨୩-୨୪ରେ ଭାରତ ଫେରିବା ପରେ ୟୋ ୟୋ ଟେଷ୍ଟରେ ବିଫଳ ହେବାରୁ ପଞ୍ଜାବ ପାଇଁ ଖେଳିପାରିନଥିଲେ। ୱାସିମ ଜାଫରଙ୍କ ଅନୁରୋଧ କ୍ରମେ ଆସିଥିବା ରଘୁ ୨୦୨୪-୨୫ ଫିଟ୍‌ନେସ୍ ଟେଷ୍ଟରେ ସଫଳ ହୋଇ ବିଜୟ ହଜାର ଟ୍ରଫିରେ ୧୪ ୱିକେଟ୍ ଦଖଲ କରି ପଞ୍ଜାବକୁ କ୍ୱାର୍ଟରଫାଇନାଲ୍ ପହଞ୍ଚାଇଥିଲେ। ପୂର୍ବରୁ ସେ ୨୦୧୯ରୁ ୨୦-୧୧ ପର୍ଯ୍ୟନ୍ତ କ୍ରିକେଟ୍ ଏକାଡେମୀ ଅଫ ପଠାନ୍ସରେ ବୋଲିଂ ପ୍ରଶିକ୍ଷକ ଭାବେ ବି କାମ କରିଥିଲେ।

ମାତ୍ର ୨ଟି ଆଇପିଏଲ୍ ମ୍ୟାଚ୍ ପରେ ରଘୁଙ୍କୁ ସଫଳ କ୍ରିକେଟ୍‌ର କୁହାଯାଇପାରିବ ନାହିଁ। ତାଙ୍କ ବୋଲିଂ କିନ୍ତୁ ପ୍ରଭାବିତ କରିଛି ଅନେକଙ୍କୁ। ତାଙ୍କ ବୋଲିଂରେ ୱର୍ଣ୍ଣଙ୍କ ନିୟନ୍ତ୍ରିତ କ୍ଷେପଣ ଏବଂ ଇମ୍ରାନ ତାହିରଙ୍କ ବିବିଧତା ଓ ଗୁଗ୍‌ଲିର ପ୍ରଭାବ ବି ରହିଛି। ୨୦୧୪ ମସିହାରେ ସଂଘର୍ଷ କରୁଥିବାବେଳେ ରଘୁ ବୃନ୍ଦାବନ ଗସ୍ତ କରିବା ପରେ ବୈଷ୍ଣବ ବିଶ୍ୱାସୀ ହୋଇଥିଲେ। କେବଳ ସେତିକି ନୁହେଁ ରଘୁ ପୂର୍ବରୁ କହି ସାରିଛନ୍ତି 'ହୃଦୟ ଭାଙ୍ଗିଗଲେ, ମନରେ ଅସ୍ଥିରତା ରହିଲେ ମୁଁ ଈଶ୍ୱରଙ୍କ ନିକଟକୁ ଚାଲିଯାଏ। ସବୁକିଛି ଛାଡି ପୁରୀ ଜଗନ୍ନାଥ ମନ୍ଦିରକୁ ଯାଏ। ସେଠାରେ ମୁଁ ମୋ ମାନସିକ ଶାନ୍ତି ଫେରିପାଏ'। ରଘୁଙ୍କ ଏଭଳି ବିଶ୍ୱାସ ଓ ସାଧନା ତାଙ୍କୁ ଏତେ ଉଚ୍ଚରେ ରଖିଛି ଯେ କେଣସି ସଫଳତା ଅସାଧ ନୁହେଁ ବୋଲି ପ୍ରମାଣିତ କରିଛନ୍ତି।

# ତୀରନ୍ଦାଜି ବିଶ୍ୱକପ୍: ଦକ୍ଷିଣ କୋରିଆକୁ ହରାଇ ଫାଇନାଲ୍‌ରେ ଭାରତ

ସାଂଘାଇ: ତୀରନ୍ଦାଜି ବିଶ୍ୱକପ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଭାରତୀୟ ମହିଳା ରିକର୍ଭ ଦଳ ଏକ ବଡ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। ସେମିଫାଇନାଲ୍‌ରେ ୧୦ଥର ଅଲିମ୍ପିକ୍ସ ବିଜେତା ଦକ୍ଷିଣ କୋରିଆକୁ ଏକତରଫା ଭାବେ ୫-୧ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି । ଭାରତୀୟ ଦଳ ଏଥିସହ ଅନ୍ୟୁନ ରୌପ୍ୟ ପଦକ ସୁନିଶ୍ଚିତ କରିଛି। ଦୀପିକା କୁମାରୀ, ଅଙ୍କିତା ଭକତ ଓ କୁମ୍‌କୁମ୍ ମୋହଦଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲ୍‌ରେ ପ୍ରତିଯୋଗିତାର ଅନ୍ୟତମ ଶକ୍ତିଶାଳୀ ଦଳ ଚୀନକୁ ଭେଟିବ। ମହିଳା ଦଳ ବଡ ବିଜୟ ହାସଲ କରିଥିଲେ ମଧ ଭାରତୀୟ ପୁରୁଷ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ପ୍ରଥମ ରାଉଣ୍ଡ୍‌ରେ ଲଜ୍ଜାଜନକ ପ୍ରଦର୍ଶନ କରି ଅତ୍ୟନ୍ତ ନୀଚ ମାନ୍ୟତାପ୍ରାପ୍ତ ଦଳ ବାଂଲାଦେଶଠାରୁ ୨-୬ରେ ହାରି ବିଦାୟ ନେଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ipû\K: iêeRòZp Kêcûe ]k